ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୯ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 29 MAY 2023

Vol.No. 34 ■ No. 141 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ନୂଆ ସଂସଦ ଭବନ ଲୋକାର୍ପିତ

ପୂଜାଚର୍ଚ୍ଚନା ପରେ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ନୂଆଦିଲ୍ଲୀ,୨୮/୦୫ : ଲୋକାର୍ପିତ ହେଲା ନୂଆ ଭବ୍ୟ ଗଣତନ୍ତ୍ର ମନ୍ଦିର । ବିରୋଧିଙ୍କ ବୟକଟ ଭିତରେ ନୂଆ ସଂସଦ ଭବନର ଶୁଭ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଷ୍ଟ୍ର ଉଦ୍ଦେଶ୍ୟରେ ସଂସଦ ଭବନକୁ ସମର୍ପିତ କରାଯାଇଛି । ଭାରତକୁ ମିଳିଛି ନୂଆ ଭବ୍ୟ, ବିଶାଳ ଏବଂ ଅତ୍ୟାଧୁନିକ ନୂତନ ସଂସଦ ଭବନ । ରବିବାର ସକାଳ ବୈଦିକ ରୀତିରେ ପୂଜାଚର୍ଚ୍ଚନା, ହୋମଯଜ୍ଞ ହୋଇଥିଲା। ପବିତ୍ର ସେଙ୍ଗୋଲ ବା ରାଜଦଣ୍ଡ ସ୍ଥାପନା ହେବା ପରେ ସବର୍ଧର୍ମ ପ୍ରାର୍ଥନାରେ ଗୁଞ୍ଜରିତ ହୋଇଥିଲା ପରିବେଶ । ୬୪ ହଜାର ୫ ଶହ ବର୍ଗଫୁଟରେ ନିର୍ମିତ ତ୍ରିକୋଣାକାର ନୂଆ ସଂସଦ ଭବନ । ସଂସଦ ସୌଧରେ ତିନୋଟି ପ୍ରବେଶ ଦ୍ୱାର ରହିଛି । ମୁଖ୍ୟ ପ୍ରବେଶ ଦ୍ୱାରରେ ଖୋଦିତ ହୋଇଛି ଅଶୋକ ଚକ୍ର । ତେଳ ଲେଖାଯାଇଛି ସତ୍ୟମେବ ଜୟେତ । ସେହିପରି ଏହି ତିନୋଟି ଦ୍ୱାର ନାଁ ରଖାଯାଇଛି ଜ୍ଞାନ ଦ୍ୱାର, ଶକ୍ତି ଦ୍ୱାର ଓ କର୍ମ ଦ୍ୱାର । ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ତାମିଲନାଡୁର ୨୧ ଜଣ ସନ୍ଥ ପୂଜାଚର୍ଚ୍ଚନା କରିତଲେ। ନୂଆ ସଂସଦ ଭବନ ୪ ମହଲା ବିଶିଷ୍ଟ । ୯୭୦ କୋଟି ଟଙ୍କା ବ୍ୟୟରେ ଟାଟା ପ୍ରୋଜକ୍ଟ ଏହି ଭବନ ନିର୍ମାଣ କରିଛି । ସଂସଦ ଭବନ ମଝିରେ ରହିଛି ସ୍ୱାମିଧାନିକ ହଲ୍ । ଏଥିରେ ସାଂସଦମାନଙ୍କ ବିଶ୍ରାମ ପାଇଁ ସ୍ୱତନ୍ତ୍ର ବିଶ୍ରାମଘର ରହିଛି । ଅଧିକ ସ୍ଥାନ ପାଇଁ ତ୍ରିଭୁଜ ଆକୃତିରେ ଏହାର ନିର୍ମାଣ କରାଯାଇଛି । ଜାତୀୟ ପକ୍ଷୀ ମୟୁରରୁ ଅନୁପ୍ରେରିତ ହୋଇ ଲୋକସଭା ହଲ୍ ନିର୍ମାଣ କରାଯାଇଛି । ଜାତୀୟ ଫୁଲ ପଦ୍ମରୁ ଅନୁପ୍ରାଣିତ ହୋଇ ରାଜ୍ୟସଭା କକ୍ଷ ତିଆରି ହୋଇଛି । ଲୋକସଭାରେ ୮୮୮ ଟି , ରାଜ୍ୟସଭାରେ ୩୪୮ ଟି ଆସନ ରହିଛି । ସବୁ ଆସନ ସମ୍ମୁଖରେ ମଲ୍ଟିମିଡିଆ ଡିସପ୍ଲେ ଲଗାଯାଇଛି । ମିଳିତ ଅଧିବେସନ ପାଇଁ ୧୨୭୨ ଆସନ ବିଶିଷ୍ଟ ନୂଆ କକ୍ଷ ରହିଛି । ଭୂମିକମ୍ପରେ ଗୃହ ସୁରକ୍ଷିତ ରଖିବା ପାଇଁ ସ୍ୱତନ୍ତ୍ର ଶୈଳୀର ଏହାର ନିର୍ମାଣ କରାଯାଇଛି ।

ସ୍ୱତନ୍ତ୍ର ଷ୍ଟାମ୍ପ ଓ ୭୫ ଟଙ୍କିଆ ମୁଦ୍ରା ଲଞ୍ଚ କଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ,୨୮/୦୫ : ସଂସଦର ନୂଆ ବିଲଡିଂର ଉଦଘାଟନକୁ ଅଧିକ ସ୍ମରଣୀୟ କରିବା ପାଇଁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର ପୋଷ୍ଟାଲ ଷ୍ଟାମ୍ପ ଓ ୭୫ ଟଙ୍କିଆ କଏନର ଲଞ୍ଚ କରିଛନ୍ତି। ନୂଆ ସଂସଦ ଭବନର ଲୋକସଭା ଚ୍ୟାମ୍ବରରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସେ ଆଜି ଏହାକୁ ଲୋକାର୍ପଣ କରିଛନ୍ତି। ଏହି ସମୟରେ ଲୋକସଭା ବାଚସ୍ପତି ଓମ ବିଲା ଓ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ମଧ୍ୟ ଉପସ୍ଥିତ ରହିଥିଲେ।

ଗ୍ୟାଜେଟ ନୋଟିଫିକେନ ଅନୁଯାୟୀ, ଆଜି ଲଞ୍ଚ ହୋଇଥିବା ୭୫ ଟଙ୍କିଆ ମୁଦ୍ରାର ଓଜନ ୩୪.୬୫ରୁ ୩୫.୩୫ ଗ୍ରାମ। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂରଣ କରି ସାରିଛି। ଏହାକୁ ମନେ ରଖିବା ପାଇଁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ୭୫ ଟଙ୍କିଆ କଏନ ଜାରି କରାଯାଇଛି।

କଏନରେ ସଂସଦର ନୂଆ ବିଲଡିଂର ଛବି ରହିଛି। ଦେବନଗରୀ ଲିପିରେ କଏନର ଉପର ପାର୍ଶ୍ୱରେ ସଂସଦ ସଙ୍କୁଳ ଓ ନିମ୍ନ ପାର୍ଶ୍ୱରେ ଇଂରାଜୀରେ ସଂସଦ କମ୍ପ୍ଲେକ୍ସ ଉଲ୍ଲେଖ କରାଯାଇଛି। ଅଶୋକ ସ୍ତମ୍ଭ ତଳେ ଟଙ୍କାର ଚିହ୍ନ ଓ ଇଂରାଜୀରେ ୭୫ ଲେଖା ହୋଇଛି। ୩୫ ଗ୍ରାମ ଓଜନର ଏହି କଏନକୁ ୪ଟି ଧାତୁକୁ ମିଶାଇ ତିଆରି କରାଯାଇଛି।

ନୂଆ ଭାରତର ଇତିହାସରେ ଆଜିର ଦିନ ସ୍ୱର୍ଣ୍ଣାକ୍ଷରରେ ଅଂକିତ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮/୦୫ (ନି.ପ୍ର): କେନ୍ଦ୍ରୀୟ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆ ସଂସଦକୁ ଦେଶବାସୀଙ୍କୁ ସମର୍ପିତ କରାଯିବାକୁ ନେଇ କହିଛନ୍ତି ଯେ ନୂଆ ଭାରତର ଇତିହାସରେ ଆଜିର ଦିନ ସ୍ୱର୍ଣ୍ଣାକ୍ଷରରେ ଅଙ୍କିତ ହେବ । ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ ନୂଆ ଭାରତର ଇତିହାସରେ ଆଜିର ଦିନ ସ୍ୱର୍ଣ୍ଣାକ୍ଷରରେ ଅଂକିତ ହେବ । ପ୍ରଧାନମନ୍ତ୍ରୀଙ୍କ କର କମଳରେ ସମର୍ପଣ କରାଯାଇଥିବା ନୂଆ ସଂସଦ ଭବନ ସମସ୍ତଙ୍କୁ ଗୌରବାନ୍ୱିତ କରୁଥିବା ଭଳି ସମୟ । ଆମର ସଂସ୍କୃତି, ସାମର୍ଥ୍ୟ ଓ ସଂକଳ୍ପ ଶକ୍ତିର ପ୍ରତୀକ ଲୋକତନ୍ତ୍ରର ଏହି ମନ୍ଦିର ଆମ ସମସ୍ତଙ୍କୁ କର୍ତବ୍ୟପଥରେ ଚାଲିବା, ଜନ ଭାଗିଦାରୀ ସହିତ ଦେଶକୁ ନୂଆ ଉଚ୍ଚତାକୁ ନେଇ ଯିବା ପାଇଁ ପ୍ରେରିତ କରୁଥିବ ।

ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ନେଇ ରାଜସ୍ୱ ବିଭାଗର ଚିଠି

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତି ଏବେ ଠାରୁ ଆରମ୍ଭ ହୋଇଯାଇଛି। ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ଶେଷ କରିବାକୁ ନିର୍ଦ୍ଦେଶ ହୋଇଛି। ସବୁ ଜିଲ୍ଲାପାଳ ଓ ନିର୍ବାଚନ ଅଧିକାରୀମାନଙ୍କୁ ଚିଠି ଲେଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୨୯ ତାରିଖ ସୁଦ୍ଧା ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଓଡ଼ିଶା ପ୍ରଶାସନିକ ସେବା/ଓଡ଼ିଶା ରାଜସ୍ୱ ସେବା, ଗ୍ରୁପ- ବି ଅଫିସରଙ୍କ ପାଇଁ ନିୟମ ଲାଗୁ ହେବ ବୋଲି ଚିଠିରେ କୁହାଯାଇଛି। ଯେଉଁ କର୍ମଚାରୀମାନେ ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଛନ୍ତି ଓ ଯେଉଁମାନେ ଘରୋଇ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି ସେନେଇ ତଥ୍ୟ ମଗାଯାଇଛି।

ଡହଡହ ଖରାରେ ଭକ୍ତ ଛଟପଟ

ସରକାରଙ୍କ ଉପରେ ପକାଉଛନ୍ତି ନିଶ୍ୱାସ

ପୁରୀ, ୨୮/୦୫ (ନି.ପ୍ର): ଶ୍ରୀମନ୍ଦିରରେ ନୀତିକାନ୍ତି ବିଳମ୍ବ ଯୋଗୁଁ ଭକ୍ତ ଛଟପଟ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କୁ ପ୍ରଚଣ୍ଡ ଖରାରେ ସିଝି ବଡ ଦାଣ୍ଡରେ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି। ସରକାରଙ୍କ ଦାୟିତ୍ୱହୀନତାରୁ ଭକ୍ତ ଭୋଗୁଛି କଷ୍ଟ। ଶ୍ରୀମନ୍ଦିରରୁ ମରିଚିକୋଟ ଛକ ଯାଏଁ ଭକ୍ତଙ୍କ ଲମ୍ବା ଲାଇନ୍ ହେଉଛି। ପିଲାଛୁଆ ଓ ବୃଦ୍ଧ ବାପା-ମାଆଙ୍କୁ ନେଇ ଡହଳବିକଳ ହେଉଛନ୍ତି ଭକ୍ତ। ଖାଲି ପାଦରେ ପିଲାଙ୍କୁ କାଖେଇ ଘଂଟା ଘଂଟା ଧରି ଅପେକ୍ଷା କରିଛନ୍ତି ଶହ ଶହ ଶ୍ରଦ୍ଧାଳୁ। ତାତିରେ କଳବଳ ହୋଇଗଲେଣି। କିଏ ମହାରାଷ୍ଟ୍ରରୁ ଆସିଛି ତ କିଏ ପଶ୍ଚିମବଙ୍ଗ ଓ ଛତିଶଗଡରୁ। ପୂରା ପରିବାରକୁ ସାଙ୍ଗରେ ନେଇ ଧାଇଁ ଆସିଛନ୍ତି କାଳିଆ ଦର୍ଶନ କରିବାକୁ। ହେଲେ ଶ୍ରୀକ୍ଷେତ୍ରରେ ଯେମିତି ଏତେ ସହଜ ନୁହେଁ ମହାପ୍ରଭୁଙ୍କ ଦର୍ଶନ। ଖରାରେ ପାଦ ଜଳିଯାଉଛି, ମୁଣ୍ଡ ଝାଇଁ ମାରିଯାଉଛି, ତାରି ଭିତରେ ଦର୍ଶନ ପାଇଁ ଡହଳ ବିକଳ ଭକ୍ତ। ରବିବାରିଆ ଭିଡ ଭିତରେ କାହାର ମୁଣ୍ଡ ବୁଲାଇ ଦେଉଛି ତ, କିଏ ବ୍ୟାରିକେଡ୍ ଭିତରେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଭିଡ ଭିତରୁ ହ୍ୱିଲ ଚେୟାରରେ ଭକ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ବି କରାଯାଉଛି। ମନ୍ଦିର ପ୍ରଶାସନର ଏଭଳି ଦର୍ଶନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ। ସରକାରୀ ବିଧିବ୍ୟବସ୍ଥାକୁ ସମାଲୋଚନା କରି ନିଶ୍ୱାସ ପକାଉଛନ୍ତି। ଶ୍ରୀଜିଉଙ୍କ ନୀତିକାନ୍ତି ତ୍ୱରାନ୍ୱିତ କରିବା ଉପରେ ଛତିଶା ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ତିନି ଦ୍ୱାରରେ ପ୍ରବେଶ କଟକଣା ଥିବାରୁ ସିଂହଦ୍ୱାରରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ ଜମୁଛି ଏବଂ ମହାପ୍ରଭୁଙ୍କ ଦର୍ଶନରେ ବହୁ ବିଳମ୍ବ ହେଉଛି। ମନ୍ଦିର ପ୍ରଶାସନର ଏଭଳି ଦର୍ଶନ ବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଭକ୍ତମାନେ। ଶ୍ରୀକ୍ଷେତ୍ରରେ କାହିଁକି ଶୃଙ୍ଖଳିତ ହେଉନି ଦର୍ଶନ ? ଏମିତି କେତେ ଦିନ ଡହଳ ବିକଳ ହୋଇ ଦର୍ଶନ କରିବେ ଭକ୍ତ ? ସୂଚନା ଅନୁସାରେ, ବିଳମ୍ବିତ ରାତିରେ ଶ୍ରୀଜିଉଙ୍କ ପହୁଡ ପଡୁଛି। ଫଳରେ ସକାଳୁ ଦ୍ୱାରଫିଟା ନୀତି ଏବଂ ମଙ୍ଗଳ ଆରତୀ ବିଳମ୍ବ ହେଉଛି। ଯାହାର ପ୍ରଭାବ ପଡୁଛି ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ। ମନ୍ଦିରରେ ନୀତିକାନ୍ତି ବିଳମ୍ବ ହେବା ଯୋଗୁଁ ଭକ୍ତ ଘଂଟା ଘଂଟା ଧରି ଖରାରେ ସିଝୁଛି। ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ଭକ୍ତ ଭିଡ଼ ବଢୁଥିବାରୁ ପ୍ରଶାସନକୁ ଏହାର ସ୍ଥାୟୀ ସମାଧାନ କରିବାକୁ ପଡ଼ିବ। ଭକ୍ତ ଏଭଳି କଷ୍ଟ ପାଇବା ଆଦୌ ଠିକ୍ ନୁହେଁ। ପୁରୀ ଏସପି କନୱର ବିଶାଳ ସିଂ କହିଛନ୍ତି, ନୀତି ମୁତାବକ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ଓ ବାହାରକୁ ଛଡ଼ା ଯାଉଛି। ଗହଳି ନିୟନ୍ତ୍ରଣ ନିମନ୍ତେ ସବୁ ପ୍ରକାର ଚେଷ୍ଟା କରାଯାଉଛି।

ମୋକିମ୍ ଓ ଚିରଞ୍ଜୀବିଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୨୮/୦୫ (ନି.ପ୍ର): କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍ ଓ କଂଗ୍ରେସ ନେତା ଚିରଞ୍ଜୀବୀ ବିଶ୍ୱାଳଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ଏଆଇସିସି ଶୃଙ୍ଖଳା କମିଟି ପକ୍ଷରୁ ଏହି ନୋଟିସ୍ ଜାରି ହୋଇଛି। ଏସମ୍ପର୍କରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଚିରଞ୍ଜୀବୀ ଓ ମୋକିମ୍ ଙ୍କୁ ଏଆଇସିସି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି ।ଯାହା ଅଭିଯୋଗ ଆସିଥିଲା, ତାକୁ ଆମେ ଏଆଇସିସିକୁ ପଠେଇ ଦେଇଥିଲୁ। ଏଆଇସିସି ଯାହା ନିଷ୍ପତି ନେଇଥିବ। ମୁଁ ସମସ୍ତଙ୍କୁ ନେଇ ବିଜେପି ଓ ବିଜେଡି ବିରୋଧରେ ଲଢିବାକୁ ଚେଷ୍ଟା କରୁଛି। ସେ ରାସ୍ତାରେ ଯଦି କିଏ ବିରୋଧ କରେ ବା ବିଶୃଙ୍ଖଳିତ ଆଚରଣ କରେ ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ହାଇ କମାଣ୍ଡଙ୍କ ନିଷ୍ପତି ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମାସରେ ଭୁବନେଶ୍ୱରରେ କଟକ-ବାରବାଟୀ ▶▶ପୃଷ୍ଠା ୭

ଜୁନ ୧୨ରେ ପାଟନାରେ ଏକାଠି ହେବେ ବିରୋଧୀ ଦଳ

ନୂଆଦିଲ୍ଲୀ,୨୮/୦୫ : ବିହାରର ରାଜଧାନୀ ପାଟନାରେ ଆସନ୍ତା ୧୨ ତାରିଖରେ ବିରୋଧୀ ଦଳର ଏକ ବଡ଼ ବୈଠକ ହେବାକୁ ଯାଉଛି। ଏହି ବୈଠକରେ ବିଜେପି ବିରୋଧୀ ଦଳମାନେ ଅଂଶଗ୍ରହଣ କରିବେ ବୋଲି ସୂତ୍ରରୁ ସୂଚନା ମିଳିଛି। ବର୍ତ୍ତମାନ ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦିଆଯାଇ ନଥିଲେ ମଧ୍ୟ ଆସନ୍ତା ବର୍ଷ ଲୋକସଭା ନିର୍ବାଚନ ପୂର୍ବରୁ ଅର୍ଥାତ୍ ୨୦୨୪ ରେ ଏହାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଗାମୀ ଲୋକସଭା ନିର୍ବାଚନ ପୂର୍ବରୁ ସମସ୍ତ ସମାନ ଚିନ୍ତାଧାରାର ବିରୋଧୀ ଦଳକୁ ଏକାଠି କରିବାକୁ ଚେଷ୍ଟା କରୁଛନ୍ତି। ନିକଟ ଅତୀତରେ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ଭେଟି ସାରିଛନ୍ତି । ବିଜେପି ବିରୋଧରେ ବିରୋଧୀଙ୍କୁ ଏକାଠି କରିବାକୁ ସେ ବିଭିନ୍ନ ରାଜ୍ୟ ଗସ୍ତ କରୁଛନ୍ତି । ଏହି କ୍ରମରେ ମୁଖ୍ୟମନ୍ତ୍ରୀ ନୀତୀଶ ସୋମବାର ଦିଲ୍ଲୀ ଆସି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ରାହୁଲ ଗାନ୍ଧିଙ୍କୁ ମଧ୍ୟ ଭେଟିଥିଲେ। ଏହି ବୈଠକରେ ବିରୋଧୀ ଏକତାର ପ୍ରୟାସକୁ ତ୍ୱରାନ୍ୱିତ କରିବା ଏବଂ ଆଗକୁ ଯିବାର ବାଟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହା ସହିତ ଘୋଷଣା କରାଯାଇଥିଲା କି ଖୁବ୍ ଶୀଘ୍ର ବିରୋଧୀ ଦଳଗୁଡ଼ିକର ଏକ ବଡ଼ ବୈଠକ ବସିବ, ଯାହାର ତାରିଖ ଓ ସ୍ଥାନ ଦିନେ ଦୁଇ ଦିନ ମଧ୍ୟରେ ସ୍ଥିର ହେବ ।

୫ ଦିନ ଯାଏ କାଳବୈଶାଖୀ ଜନିତ ବର୍ଷା: ଆସନ୍ତା ୨୪ ଘଣ୍ଟା ପାଇଁ ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ରାଜ୍ୟରେ ଆଗାମୀ ୫ ଦିନ ଯାଏ କାଳବୈଶାଖୀ ଜନିତ ବର୍ଷା ଲାଗି ରହିବ । ଏଭଳି ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ତେଲେଙ୍ଗାନା ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାଛଡ଼ା ଆଉ ଏକ ନିମ୍ନ ଚାପ ରେଖା ଯାହା ମଧ୍ୟପ୍ରଦେଶର ଦକ୍ଷିଣ ପୂର୍ବରୁ ତେଲେଙ୍ଗାନା ଓ ତାମିଲନାଡୁ ଦକ୍ଷିଣ ପୂର୍ବ ଯାଏଁ ଲମ୍ବିଛି । ଏହା ପ୍ରଭାବରେ ରାଜ୍ୟରେ ୧୩ଟି ଜିଲ୍ଲାକୁ କାଳବୈଶାଖୀ ସତର୍କତା ଜାରି କରାଯାଇଛି। ଆସନ୍ତାକାଲି ପାଇଁ ଗଜପତି, ଗଞ୍ଜାମ, ନୟାଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୁରଭଞ୍ଜ, ଢେଙ୍କାନାଳ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାମାନଙ୍କରେ କାଳବୈଶାଖୀ ସମ୍ଭାବନା ରହିଛି । ୪୦ ରୁ ୫୦ କିମି ବେଗରେ ପବନ ବହିବା ସହିତ ବିଜୁଳି, ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ଆଗାମୀ କିଛି ଦିନ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ୪୨ ଡ଼ିଗ୍ରୀ ତାପମାତ୍ରା ଛୁଇଁବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟା ଭିତରେ ବଲାଙ୍ଗୀରରେ ୪୩.୩ ଡ଼ିଗ୍ରୀ ସେଲସିୟସ ରେକର୍ଡ଼ କରାଯାଇଛି । ଗଞ୍ଜାମ ଆସ୍କାରେ ସର୍ବାଧିକ ୬୧ ମିମି ବର୍ଷା ରେକର୍ଡ଼ କରାଯାଇଥିବା ବେଳେ ଧାରାକୋଟରେ ୫୨ ମିମି, ହିଞ୍ଜିଳି ରେ ୪୨ ମିମି ରେକର୍ଡ଼ କରାଯାଇଛି ।

ଆକ୍ସନରେ କମିଶନରେଟ୍ ପୋଲିସ: ବିଭିନ୍ନ ହୋଟେଲ-ବାର-ଡ୍ୟାନ୍ସ ବାରରେ ଚଢାଉ



ଭୁବନେଶ୍ୱର , ୨୮/୦୫ (ନି.ପ୍ର): ହୋଟେଲ, ବାର୍ ଓ ଡ଼୍ୟାନ୍ସ ବାରରେ ରେଡ୍ । ରାଜଧାନୀର ଚନ୍ଦ୍ରଶେଖରପୁର ଓ ଇନଫୋସିଟି ଥାନା ଅଧୀନରେ ଥିବା ହୋଟେଲ, ବାର ଓ ଡ଼୍ୟାନ୍ସ ବାର ଉପରେ ପୋଲିସର ଚଢାଉ । ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶରେ ଏହି ଚଢାଉ କରାଯାଇଥିଲା । ଖବର ଅନୁଯାୟୀ, ଏହି ଦୁଇ ଥାନା ଅଧୀନରେ ଥିବା ଅଧିକାଂଶ ▶▶ପୃଷ୍ଠା ୭

ରଥଯାତ୍ରାକୁ ଶୃଙ୍ଖଳିତ ପରିଚାଳନା ପାଇଁ ଆଂଚଳିକ ପରିବହନ ଅଫିସରେ ସମ୍ମନ୍ୱୟ ବୈଠକ

ପୁରୀ, ୨୮/୦୫ (ନି.ପ୍ର): ପୁରୀ ଆଂଚଳିକ ପରିବହନ ଅଧିକାରୀ ଙ୍କ ପକ୍ଷ ରୁ ଇତି ମଧ୍ୟରେ ଏକ ସମ୍ମନ୍ୱୟ ବୈଠକ ଆଂଚଳିକ ପରିବହନ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ୨୦୨୩ ର ପୁରୀ ରଥ ଯାତ୍ରା ଉତ୍ସବ କିପରି ଶାନ୍ତି ଶୃଙ୍ଖଳା ରେ ସୁଚାରୁ ରୂପେ ପାଳନ କରାଯିବ ସେ ବିଷୟ ରେ ଆଲୋଚନା ଏହି ବୈଠକ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିରେ ଉପସ୍ଥିତ ଥିବା ଉପ ଆରକ୍ଷୀ ଅଧିକ୍ଷକ, ଟ୍ରାଫିକ ଆରକ୍ଷୀ ଅଧିକାରୀ, ଟ୍ରାଫିକ ନିରୀକ୍ଷକ, ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ, ଟ୍ରାଫିକ ଥାନା ଅଧିକାରୀ, କୁମ୍ଭାର ପଡ଼ା ଥାନା ଅଧିକାରୀ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଏମ ଭି ଆଇ ଶ୍ରୀ ବାମ ଦେବ ସାହୁ, ସହକାରୀ ଏମଭିଆଇ, ଏବଂ ବିଭିନ୍ନ ବସ ସଂଘ କର୍ମକର୍ତା ମାନେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ରେ ଟ୍ରାଫିକ ସମସ୍ୟା ସମେତ ବିଭିନ୍ନ ବିଷୟ ରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ବିଭିନ୍ନ ମତ ରଖି ଥିଲେ । ଗାଡି ମାନଙ୍କ ରେ ମୂଲ୍ୟ ନିର୍ଧାରଣ ସୂଚୀ ଲଗାଇବା, ଭଡା ବାବଦ ରେ ଉଚିତ ମୂଲ୍ୟ ରଖିବା ବିଷୟ ମୁଖ୍ୟ ଆଲୋଚନା ଥିଲା । ଏଥିପାଇଁ ସଂଘର କର୍ମକର୍ତା ମାନେ ପରିବହନ ଅଧିକାରୀ ଙ୍କୁ ତିନି ଦିନ ସମୟ ମାଗିଛନ୍ତି । ନଚେତ ଉପରିସ୍ଥ ଅଧିକାରୀ ଙ୍କ କଥା ବା ନିର୍ଦ୍ଦେଶ କୁ ଯଦି ଖିଲାପ କରାଯାଏ ତେବେ ଏମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସମ୍ମିଳନୀ ରେ କହିଛନ୍ତି । କିଭଳି ଭାବରେ ବାଷ୍ଟାଣ୍ଡ କୁ ଗାଡି ଠିକ ସମୟରେ ଗାଡି ଛାଡିବା ଏବଂ ଯାତ୍ରା ସମୟ ରେ ଯେମିତି ଆଦୌ କୌଣସି ବିଶୃଙ୍ଖଳା ସୃଷ୍ଟି ନ ହେବ ସେଥି ପ୍ରତି ବୈଠକ ରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା କ୍ଷ ପୁରୀ ଜିଲ୍ଲା ର ବୃହତ ସ୍ୱାର୍ଥ ଦୃଷ୍ଟି ରୁ ଏବଂ ଦୁର୍ଘଟଣା ହ୍ରାସ ପାଇଁ ସମେତ ଭକ୍ତ ଶ୍ରଦ୍ଧାଳୁ ଯେମିତି ଠକାମୀ ର ଶିକାର ନ ହେବେ ସେଥି ପ୍ରତି ବିଭାଗ ତୀକ୍ଷ୍ଣ ନଜର ଦେବାକୁ ଏନଫୋର୍ସମେଂଟ ଷ୍ଟାଫ କୁ ନିର୍ଦ୍ଦେଶ ହେଇଚି । ଏହି ଯାତ୍ରା ସମୟ ରେ ଗାଡି ଚେକିଂ କୁ ଆହୁରି କଡା କଡୀ କରାଯିବ ବୋଲି ଆରଟିଓ ସୂଚନା ଦେଇଛନ୍ତି ।

ବିଜେଡ଼ି ସରକାରଙ୍କ ରିମୋଟ୍ ନରେନ୍ଦ୍ର ମୋଦୀଙ୍କ ହାତରେ : କଂଗ୍ରେସ

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ଆସନ୍ତାକାଲି ସଂସଦ ଭବନ ଉଦ୍‌ଘାଟନ ହେବ କିନ୍ତୁ ରାଷ୍ଟ୍ରପତିଙ୍କର ଗାରିମା, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସମ୍ବିଧାନର ନୀତି ନିୟମକୁ ଭୃକ୍ଷେପ ନ କରି ବିଜୁ ଜନତା ଦଳ ଭାରତୀୟ ଜନତା ପାର୍ଟିକୁ ସମର୍ଥନ ଦେଇଛି । ସମଦୂରତା କଥା କହୁଥିବା ବିଜେଡିକୁ ରାଷ୍ଟ୍ରପତିଙ୍କ ପଦ ମର୍ଯ୍ୟାଦା ହାନି ଦେଖାଯାଉନି । ରାଷ୍ଟ୍ରପତିଙ୍କୁ ଭଉଣୀ କହୁଥିବା ତଥା ଓଡ଼ିଶାର ଝିଅ ଏବଂ ଆଦିବାସୀ ମହିଳା ତାଙ୍କୁ ଖୋଦ୍ ପ୍ରଧାନମନ୍ତ୍ରୀ ଅପମାନିତ କରୁଥିଲାବେଳେ ଏହାକୁ ସମର୍ଥନ କରୁଛନ୍ତି । ଏହା କେବଳ ନିର୍ବାଚନୀ ଚାଲ ବୋଲି ଶନିବାର ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି ।

ଅପରପକ୍ଷରେ ନରେନ୍ଦ୍ର ମୋଦୀ ନେତୃତ୍ୱାଧିନ କେନ୍ଦ୍ର ବିଜେପି ସରକାରକୁ ଆଜି ୯ ବର୍ଷ ପୁରିଛି । ଏଆଇସିସି ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜିତେନ୍ଦ୍ର ସିଂ ସାମ୍ବାଦିକ ମାନଙ୍କୁ ସମ୍ବୋଦିତ କରି ନରେନ୍ଦ୍ର ମୋଦୀ ସରକାର ୯ ବର୍ଷର ୯ ଟି ମୁଖ୍ୟ ଅପାରଗତାକୁ ପ୍ରଶ୍ନ ଆକାରରେ ପଚାରିଛନ୍ତି । ଜିତେନ୍ଦ୍ର ସିଂ କହିଛନ୍ତି ଯେ, ୨୦୧୪ ମସିହାରେ ଏକ ଏଲପିଜି ସିଲିଣ୍ଡର ଦାମ ୪୧୦ ଟଙ୍କା ଥିଲା ବେଳେ ୨୦୨୩ ମସିହା ବେଳକୁ ତାହା ୧୧୦୩ ଟଙ୍କାକୁ ବୃଦ୍ଧି ପାଇଛି । ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୨୦୧୪ ମସିହା ଠାରୁ ୫୭ ପ୍ରତିଶତ, ଡିଜେଲ ୭୮ ପ୍ରତିଶତ ବୃଦ୍ଧି ଘଟିଛି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତେଲ, ଅଟା ଓ କ୍ଷୀରର ମୂଲ୍ୟ ବୃଦ୍ଧି ଘଟିଛି । ଦରଦାମ୍ ବୃଦ୍ଧିର କାରଣ କଣ ବୋଲି ସେ ପ୍ରଶ୍ନ କରିଛନ୍ତି । ଦ୍ୱିତୀୟ ପ୍ରଶ୍ନ ଯେ କାହିଁକି କୃଷକମାନଙ୍କୁ କୃଷିଜାତ ଦ୍ରବ୍ୟର ନ୍ୟୁନତମ ସହାୟକ ମୂଲ୍ୟକୁ ଆଇନ ସମ୍ମତ କରାଯାଉନାହିଁ ? କାହିଁକି କଳା କୃଷି ଆଇନ୍ ଫେରାଇ ନେଲାବେଳେ କୃଷକ ମାନଙ୍କ ସହିତ ଯେଉଁ ଚୁକ୍ତି ହୋଇଥିଲା ତାହା କାହିଁକି କାର୍ଯ୍ୟକାରୀ ହେଉନାହିଁ । ଦୁର୍ନିତୀ ଏବଂ ଅସାଧୁ ମେଂଟ ଆଜି ଭାରତ ବର୍ଷର ଅର୍ଥନୀତିକୁ ଅତ୍ୟନ୍ତ ଦୁର୍ବଳ କରିସାରିଲାଣି ବୋଲି ସେ ତୃତୀୟ ପ୍ରଶ୍ନ କରିଥିଲେ । ଆଜି ଚାଇନା ଭାରତ ବର୍ଷର ୧୫ ଶହ ସ୍କୋୟାର କିଲୋମିଟର ସୀମାକୁ ଅକ୍ତିଆର କରିନେଇଛି । ଏହା ଜାଣି ସୁଧା କାହିଁକି ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ଚୁପ୍ ରହିଛନ୍ତି ? ସେ ତାଙ୍କ ପଂଚମ ପ୍ରଶ୍ନରେ ପଚାରିଛନ୍ତି ଯେ, କାହିଁକି ଆପଣଙ୍କ ସରକାର ଏବଂ ଆପଣଙ୍କ ଦଳ ଜାଣିଶୁଣି ଭାରତ ବର୍ଷରେ ଘୃଣା, ବିଦ୍ୱେଶ ଓ ହିଂସା ସୃଷ୍ଟି କରୁଛନ୍ତି ? ଏହାଦ୍ୱାରା ଆପଣଙ୍କ ରାଜନୈତିକର ଉଦ୍ୟେଶ ସାଧିତ ହୋଇଥାଇପାରେ କିନ୍ତୁ ଭାରତ ବର୍ଷରେ ଖଣ୍ଡ ବିଖଣ୍ଡିତ ହୋଇଯାଉଛି । ସେହିପରି ବେଟି ପଢ଼ାଅ ଓ ବେଟି ବଚାଅ ଅଭିଯାନ କେବଳ ସ୍ଲୋଗାନ କି ? ୨୦୨୧ ମସିହାରେ ୪.୨ ଲକ୍ଷ ମହିଳା ଉତ୍ପିଡ଼ନ, ଶାରିରୀକ ନିର୍ଯ୍ୟାତନା ଇତ୍ୟାଦି ଭୋଗ କରୁଥିବାର ମାମଲା ଦାୟର କରିଛନ୍ତି । ଦଳର ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳୀୟ କାର୍ଯ୍ୟକର୍ତା କାହିଁକି ମହିଳାଙ୍କୁ ଶାରିରୀକ ନିର୍ଯ୍ୟାତନା ଓ ପାଶବିକ ଅତ୍ୟାଚାର ଘଟଣାରେ ସଂପୃକ୍ତ ଅଛନ୍ତି ? ଏମାନଙ୍କ ବିରୋଧରେ କେସ୍ ମଧ ଦାୟର କରିବା ପାଇଁ ସୁପ୍ରିମ୍‌କୋର୍ଟ ଯିବାକୁ ପଡୁଛି । ଆପଣଙ୍କ ସରକାର ଗଣତନ୍ତ୍ର ସଂଘୀୟ ବ୍ୟବସ୍ଥାର ପରିପନ୍ଥୀକି ? ୨୦୧୪ ମସିହା ଆପଣଙ୍କ ସରକାର ଆସିଲା ପରେ ୯୫ ଶତପ୍ରତିଶତ ସି.ବି.ଆଇ.,ଇଡ଼ି କେସ କେବଳ ପ୍ରତିପକ୍ଷ ରାଜନୈତିକ ନେତୃବର୍ଗଙ୍କ ପ୍ରତି କରାଯାଇଛି । ଗଣତାନ୍ତ୍ରୀକ ବ୍ୟବସ୍ଥା ପ୍ରତି ଆପଣଙ୍କର ଓ ଆପଣଙ୍କ ସରକାରଙ୍କର ସମ୍ମାନ ଅଛି କି ? ଶ୍ରୀ ସିଂ ତାଙ୍କ ଅଷ୍ଟମ ପ୍ରଶ୍ନରେ କେନ୍ଦ୍ର ସରକାରଙ୍କୁ ତାଚ୍ଛଲ୍ୟ କରି କହିଥିଲେ ଯେ ବହୁଳ ପ୍ରଚାର ଉଜ୍ଜଳା ଯୋଜନା ଆଜି ସଂପୂର୍ଣ୍ଣ ରୁପେ ଫେଲ ମାରିଛି ।କାହିଁକି ଆପଣଙ୍କ ସରକାର ଗରୀବ ଓ ନିମ୍ନ ଆଦିବାସୀବର୍ଗଙ୍କ ଯୋଜନା ରାଶିକୁ ବର୍ଷ ପରେ ବର୍ଷ କମାଇ ଚାଲିଛନ୍ତି ? କୋଭିଡ୍ ସମୟରେ ବହୁ ଲୋକ ପ୍ରାଣ ହରାଇଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ୍ ମହାମାରି ଯୋଗୁଁ ଭାରତ ବର୍ଷର ୪୭ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ବୋଲି ଏକ ରିପୋର୍ଟରେ କହିଛନ୍ତି । କିନ୍ତୁ ଏ ସରକାର ଭାରତ ବର୍ଷରେ କେହି ଜଣେ ବ୍ୟକ୍ତି ଅକ୍ସିଜେନ ଅଭାବ, ଡାକ୍ତରଖାନାରେ ଶଯ୍ୟା ଅଭାବରୁ ମରିନାହାନ୍ତି ବୋଲି କହିଛନ୍ତି । ଏହା କଣ ଆପଣଙ୍କର ଭାରତ ବର୍ଷର ସାଧାରଣ ଲୋକଙ୍କୁ ଭଲ ପାଇବାର ନିର୍ଦ୍ଦଶନ କି ? କୋଭିଡ୍ ମହାମାରି ଯୋଗୁ ଭାରତ ବର୍ଷର ୪ କୋଟି ଲୋକ ନିଜର ରୋଜଗାର ହରାଇଛନ୍ତି । ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଯୋଗୁଁ ଭାରତର ଅର୍ଥନୀତିକୁ ଅତ୍ୟନ୍ତ ଦୁର୍ବଳ କରିଦେଇଛନ୍ତି । ଏ ସରକାର ପ୍ରତିଦିନ ଜିଏସ୍‌ଟିର ନିୟମାବଳୀର ପରିବର୍ତନ କରୁଛନ୍ତି । ଜିଏସ୍‌ଟି ଆୟର ଶତକଡ଼ା ୫୦ ରୁ ୬୦ ଭାଗ ଆୟ କେବଳ ଗରୀବ, ନିମ୍ନ ମଧ୍ୟବିତ ଶ୍ରେଣୀର ଲୋକମାନଙ୍କ ଠାରୁ ଆଦାୟ କରାଯାଉଛି । କିନ୍ତୁ ଭାରତ ବର୍ଷର ସବୁଠାରୁ ଧନୀବ୍ୟକ୍ତିମାନେ ଶତକଡ଼ା ୪ ପ୍ରତିଶତ ଜିଏସ୍‌ଟି ଆୟର ଯୋଗଦାନ କରୁଛନ୍ତି । ତେଣୁ ଏହି ଜିଏସ୍‌ଟି ଗରୀବ ଲୋକମାନଙ୍କୁ ଅଧିକ ଗରୀବ କରିବା ପାଇଁ ଉଦ୍ଦିଷ୍ଟ କି ବୋଲି ସେ ପ୍ରଶ୍ନ କରିଛନ୍ତି ।

ଶ୍ରୀ ସିଂ ସମ୍ବାଦିକ ମାନଙ୍କୁ ଆହୁରି କହିଥିଲେ ଯେ, ଓଡ଼ିଶା ସରକାରଙ୍କର ରିମୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମୀତ ଶାହାଙ୍କ ହାତରେ । ତେଣୁ ବିଜେଡ଼ି ଦଳ ସବୁ କଥାରେ ବିଜେପି ସହିତ ଏକ ହୋଇରହିଛି । ଏମାନେ ଓଡ଼ିଶାରେ ମିଛରେ ନାଟକ କରୁଛନ୍ତି । ୨୩ ବର୍ଷର ନବୀନ ସରକାର କୃଷକ, ଛାତ୍ର, ମହିଳା, ଆଦିବାସୀ ଓ ଅନୁସୂଚିତ ଜାତି ମାନଙ୍କ ବିରୋଧି । ରାଜ୍ୟରେ ୨୩ ବର୍ଷ ଭିତରେ ଗୋଟିଏ ବୋଲି କୃଷିଭିତିକ ପ୍ରତିଷ୍ଠା ହୋଇନାହିଁ । କଂଗ୍ରେସ ସରକାର ସମୟରେ ଯେଉଁ କିଛି ଶିଳ୍ପ ପ୍ରତିଷ୍ଠା ହୋଇଥିଲା ତାହା ଆଜି ସଂପୂର୍ଣ୍ଣରୁପେ ବନ୍ଦ ହୋଇଯାଇଛି । ମହିଳା ହିଂସା, ଅତ୍ୟାଚାର ଓ ଉତ୍ପିଡ଼ନ କ୍ଷେତ୍ରରେ ଭାରତ ବର୍ଷରେ ବହୁ ଆଗରେ ।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ ଉପସ୍ଥିତ ଥିଲେ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ବିଭାଗର ଅଧକ୍ଷଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ବଲାଙ୍ଗୀର ନଗର ମଣ୍ଡଳ ବିଜେପି କାର୍ଯ୍ୟକାରୀଣି ବୈଠକ

ବଲାଙ୍ଗୀର, ୨୮/୦୫ (ନି.ପ୍ର): ବଲାଙ୍ଗୀର ନଗର ମଣ୍ଡଳରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକାରୀଣି ତଥା ମହା ଜନ ସମ୍ପର୍କ ଅଭିଯାନ ଯୋଜନା ବୈଠକ ଗତକାଲି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି, ଉକ୍ତ ବୈଠକରେ କେନ୍ଦ୍ର ରେ ମୋଦି ସରକାର ଙ୍କର ବିଭିନ୍ନ ଉନ୍ନତି ମୂଳକ ଯୋଜନା ବାବଦରେ ଆଲୋଚନା କରାଯାଇଥିଲା, ଭାରତକୁ ଆର୍ଥିକ ଦୃଷ୍ଟିରେ ଆତ୍ମନିର୍ଭରଶୀଳ କରିବା ପାଇଁ ତାଙ୍କର ପ୍ରଚେଷ୍ଟା ବିଷୟରେ ଚର୍ଚ୍ଚା କରାଯାଇଥିଲା, କାର୍ଯ୍ୟକର୍ତାଙ୍କୁ କ୍ରିୟାଶୀଳ ତଥା ଉତ୍ସାହିତ କରିବାପାଇଁ ପୁରୁଣା କାର୍ଯ୍ୟକର୍ତାମାନେ ମୁଖ୍ୟଭୂମିକା ନେବାକଥା ବୋଲି ବୈଠକରେ ସମସ୍ତେ ମତପୋଷଣ କରିଥିଲେ, ଭାରତୀୟ ଜନତା ପାର୍ଟିକୁ ଜାଣିବା ପାଇଁ ହେଲେ ପାର୍ଟିର ମୂଳ ମନ୍ତ୍ରକୁ ବୁଝିବା ନିହାତି ଦରକାର ବୋଲି ମୁଖ୍ୟ ଅତିଥି ତାଙ୍କର ଅଭିଭାଷଣରେ ମତ ପ୍ରଦାନ କରିଥିଲେ, ଶ୍ରୀମତୀ ପଙ୍କଜିନୀ ପଣ୍ଡାଙ୍କ ସଂଯୋଜନା ତଥା ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭାଜପାର ପୂର୍ବତନ ବଲାଙ୍ଗୀର ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମାଂଚଳ ପ୍ରଭାରୀ ପ୍ରଭାସ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ବଲାଙ୍ଗୀର ୧୭ ନମ୍ବର ଜୋନ୍ ର ଜିଲ୍ଲା ପରିଷଦ ସଭ୍ୟ ତଥା ବଲାଙ୍ଗୀର ବିଧାନସଭା କ୍ଷେତ୍ରର ପ୍ରଭାରୀ ଶିବଦତ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ, ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ଉପ ସଭାପତି ଆରତୀ ଗୁରୁ, ବନଶ୍ରୀ ଆଚାର୍ଯ୍ୟ, ଫିରୋଜା ବିବି, ସଞ୍ଜୁ ନାଏକ, ଅନୁଛାୟା ବାବୁ, ବାସନ୍ତୀ ଜେନା, ଅନିତା ମିଶ୍ର, ସୌଦାମିନୀ ମିଶ୍ର, ସରିତା ଯୋଷୀ, ଗାୟତ୍ରୀ ଦାସ, ଅରୁଣା ବାଗ, କଳ୍ପନା ସାହୁ, ଆପେଶ୍ୱରୀ ଦୀପ, ସୁଧାରାଣୀ ସ୍ୱାଇଁ, ନିଲାଦ୍ରୀ ଖର୍ସେଲ, ପିଙ୍କି ସାହୁ, ମୋନାଲିସା ମହାନ୍ତି, ଝୁନୁ ପଣ୍ଡା, ସ୍ୱୀଟି ମିଶ୍ର, ସତ୍ୟଭାମା ଭୋଇ, ଲତା ମିଶ୍ର, ଲଳିତ ଶର୍ମା, ଧର୍ମେନ୍ଦ୍ର ଅଗ୍ରୱାଲ,ମାନସ ମହାନ୍ତି, ପ୍ରମୁଖ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

ରାଜ୍ୟ ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ସଂଘ, ଓଡ଼ିଶାର ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମହୋଦୟ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବାର୍ତା ଦେଇଥିଲେ କି ଓଡ଼ିଶା ମାଟିରୁ ଠିକା ନିଯୁକ୍ତି ଭଳି କୁତ୍ସିତ ପ୍ରଥା ସବୁଦିନ ପାଇଁ ଉଚ୍ଛେଦ କରାଗଲା । କିନ୍ତୁ ଏବେ ମଧ୍ୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ଅଧିନରେ ୧୨୭୨ଜଣ ଆର୍.ବି.ଏସ୍.କେ ଆୟୁଷ ଡାକ୍ତର ସେହି କୁତ୍ସିତ ପ୍ରଥା ତଥା ଠିକା ନିଯୁକ୍ତି ଓ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଅଛନ୍ତି । ଶନିବାରଦିନ ଭୁବନେଶ୍ୱର ରେଡକ୍ରସ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଆରବିଏସ୍‌କେ ଆୟୁଷ ଡାକ୍ତର ସଂଘ, ଓଡ଼ିଶା ତରଫରୁ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ୧୨୭୨ ଆର୍‌ବିଏସ୍‌କେ ଆୟୁଷ ଡାକ୍ତରଙ୍କୁ ସେମାନଙ୍କ ପାହ୍ୟା ମାନ୍ୟତାର ଦରମା ପ୍ରଦାନ ତଥା ସେମାନଙ୍କ ନିଯୁକ୍ତିକୁ ଯଥାଶୀଘ୍ର ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ସରକାରଙ୍କୁ ବାର୍ତା ଦେବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରଭାତ ମହାନ୍ତି, ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ଡା ବିଶ୍ୱରଞ୍ଜନ ପ୍ରଧାନ, ଡା ବିଜୟ ସାମଲ, କାର୍ଯ୍ୟକାରୀ ସଭାପତି ଡା ହିମାଂଶୁ ଶେଖର ମିଶ୍ର, ସାଧାରଣ ସମ୍ପାଦକ ଡା ରବିନ୍ଦ୍ର ସେଠୀ, ଉପସଭାପତି ଡା ଇନ୍ଦିରା ପ୍ରିୟଦର୍ଶିନୀ ଦାସ, ଡା ଲିଙ୍ଗରାଜ ଦାଶ, ଡା ସ୍ୱାଗତିକା ଦାଶ, ସହ ସମ୍ପାଦକ ଡା ଜୟଶ୍ରୀ ଶ୍ରୀଚନ୍ଦନ, ଡା କୈଳାଶ ମାଝୀ ଏବଂ କୋଷାଧକ୍ଷ ଡା ରାକେଶ କୁମାର ଜେନା, ଡା ଶୁଭେନ୍ଦୁ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସାମ୍ପ୍ରତିକି ସ୍ଥିତିରେ ଆୟୁଷ ଚିକିତ୍ସା ପଦ୍ଧତିକୁ କିପରି ଅଧିକରୁ ଅଧିକ ଲୋକାଭିମୁଖୀ କରାଯାଇ ପାରିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

କୋଟିଆ ଓଡିଶାର ପ୍ରମାଣ ଦେଉଛି ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ କୋଟିଆ ପୋଷ୍ଟ ଅଫିସ

ଜୟପୁର,୨୭ ମଇ (ହି.ସ.) - ଓଡିଶା-ଆନ୍ଧ୍ରପ୍ରଦେଶ ସୀମା ରେ ଥିବା କୋରାପୁଟ ଜିଲ୍ଲାର କୋଟିଆ ଅଂଚଳର ମାନଚିତ୍ର ସ୍ପଷ୍ଟ ଓ ଓଡିଶା ସରକାର ନିଜ ଦାବିକୁ ସଠିକ ଭାବେ ଉପସ୍ଥାପନ କରି ପାରିଲେ ସମଗ୍ର କୋଟିଆ ଅଂଚଳ ଓଡିଶା ସୀମା ମଧ୍ୟରେ ରହିଥିବା ସ୍ପଷ୍ଟ ଭାବେ ଉଚ୍ଚତମ ନ୍ୟାୟାଳୟ ରେ ମଧ୍ୟ ପ୍ରମାଣ କରିହେବ । କୋଟିଆ କୁ ନେଇ ଆନ୍ଧ୍ରପ୍ରଦେଶ ବିରୁଦ୍ଧରେ ଓଡ଼ିଶାର ନିରନ୍ତର ସଂଗ୍ରାମ କୁ ଶକ୍ତି ଦେବା ପାଇଁ ଆମ କୋଟିଆ ସଂଗଠନ ସମେତ ଅନେକ ସ୍ଥାନୀୟ ଓ ରାଜ୍ୟ ସ୍ତରୀୟ ଅନୁଷ୍ଠାନ ଓ ସଂଗଠନ ବିଭିନ୍ନ ସମୟରେ ନୂତନ ତଥ୍ୟ ଓ ପ୍ରମାଣ ଯୋଗାଇ ଓଡ଼ିଶାର ଦାବି କୁ ଶକ୍ତି ପ୍ରଦାନ କରିଛନ୍ତି । ଆଜି ଏହି ସଂଗ୍ରାମର ଯାତ୍ରାରେ ଇଷ୍ଟର୍ନ ଇଣ୍ଡିଆ ଫିଲାଟେଲିକ ଆସୋସିଏସନ , ଇପିଏ ର ବରିଷ୍ଠ କର୍ମକର୍ତା ଅନୀଲ ଧୀର ଓ ବିଶ୍ୱଜିତ ମହାନ୍ତି ଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ସଂଜୀବ ହୋତା କୋଟିଆ ପୋଷ୍ଟ ଅଫିସ ଯାଇ ସ୍ୱତନ୍ତ୍ର କୋଟିଆ ନାଁ ମୁଦ୍ରିତ ଲଫାଫା ର ଉନ୍ମୋଚନ କରି ସେହି ପୋଷ୍ଟ ଅଫିସ ରୁ ଦେଶର ବିଭିନ୍ନ ସ୍ଥାନକୁ ଶତାଧିକ ଲଫାଫା କୋଟିଆ ପୋଷ୍ଟ ଅଫିସ ମୁଦ୍ରା ସହ ପ୍ରେରଣ କରିଛନ୍ତି । କୋଟିଆର ପୋଷ୍ଟାଲ ଇଂଡ଼େକ୍ସ କୋଡ଼ ୭୬୪୦୩୯ ଓଡିଶା ପୋଷ୍ଟାଲ ଡିଭିଜନ ଅଧିକୃତ ହୋଇଥିବା ଯୋଗୁଁ କେନ୍ଦ୍ର ସରକାର ଏହି ନମ୍ବର ମାଧ୍ୟମରେ କୋଟିଆକୁ ଓଡ଼ିଶାର ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ଶ୍ରୀ ଧୀର ମତବ୍ୟକ୍ତ କରିଛନ୍ତି । ସୁପ୍ରିମ କୋର୍ଟ ରେ କୋଟିଆ କୁ ନିଜର ବୋଲି ଦାବି କରି ଓଡିଶା ସରକାର ବିଭିନ୍ନ ଦଲିଲ ଉପସ୍ଥାପନ କରିଥିବା ବେଳେ କେନ୍ଦ୍ର ସରକାର ଙ୍କ ଅଧୀନରେ ଥିବା ଡାକ ବିଭାଗର କୋଟିଆ କୁ ଓଡ଼ିଶାର ପିନ କୋଡ଼ ପ୍ରଦାନ କରାଯାଇଥିବା ତଥ୍ୟ ଓଡ଼ିଶାର ପକ୍ଷକୁ ଆହୁରି ଅଧିକ ମଜଭୁତ କରିବ ବୋଲି ଇପିଏ ର ଅନ୍ୟତମ ସଦସ୍ୟ ବିଶ୍ୱଜିତ ମହାନ୍ତି ଆଶାପୋଷଣ କରିଛନ୍ତି । କୋଟିଆ ଯେ ଓଡିଶାର ତାହା ସମସ୍ତଙ୍କୁ ଜଣାଇବା ପାଇଁ ଆଜି କୋଟିଆ ରୁ କୋଟିଆ ର ସ୍ୱତନ୍ତ୍ର ଲଫାଫା ରେ ଚିଠି ପ୍ରେରଣ କରିବାର ଅଭିଜାନ ଆରମ୍ଭ ହୋଇଥିବା ଶ୍ରୀ ସଂଜୀବ ହୋତା ଜଣାଇଛନ୍ତି ।

ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ସରକାରଙ୍କ ଦ୍ୱାରା ୧୯୪୫ ମସିହାରେ ପାଟନା ରେ ପ୍ରସ୍ତୁତ କରାଯାଇଥିବା ମାନଚିତ୍ରରେ କୋଟିଆ ପଂଚାୟତ ଅନ୍ତର୍ଗତ ପଟ୍ଟାଙ୍ଗି-ତାଡିବାଲାସା ହେରିଟେଜ ରୋଡ଼ ଓଡ଼ିଶାର ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ଥିବା ଯୋଗୁଁ ସମଗ୍ର କୋଟିଆ ଅଂଚଳ ଯେ ଓଡିଶା ସୀମା ମଧ୍ୟରେ ରହିଛି ତାହା ସୁସ୍ପଷ୍ଟ । କୋଟିଆ ପଂ

ଆପଣଙ୍କ ହାତରେ ରଖିଛି କି ଏପରି ରେଖା ? ଜୀବନରେ ପାର୍ଟନରର ମିଳିବ ଭରପୂର ସହଯୋଗ

ହସ୍ତରେଖା ଶାସ୍ତ୍ର ଏମିତି ଏକ ବିଦ୍ୟା ଯେଉଁଠି ବ୍ୟକ୍ତିର ହାତରେ ଥିବା ରେଖା ଓ ଚିହ୍ନକୁ ଦେଖି ତାର ଭଲ-ମନ୍ଦ,ଗୁଣ, ସ୍ୱଭାବ,ପସନ୍ଦ-ଅପସନ୍ଦ ଓ ଭବଷ୍ୟତ ସମ୍ପର୍କରେ କୁହାଯାଇପାରେ । ହସ୍ତ ରେଖା ଶାସ୍ତ୍ର ଅନୁଯାୟୀ କିଛି ଏମିତି ଖାସ ରେଖା ଅଛି ଯାହା ବ୍ୟକ୍ତିକୁ ଶୁଭ ଓ ଅଶୁଭ ଫଳ ପ୍ରଦାନ କରିଥାଏ। ହାତରେ ଏମିତି କିଛି ରେଖା ଥାଏ ଯାହା ବ୍ୟକ୍ତିର ସ୍ୱାସ୍ଥ୍ୟ, ସ୍ୱଭାବ, କାରିଅର, ଧନ ଓ ବୈବାହିକ ଜୀବନ ସମ୍ପର୍କରେ ବହୁତ ସୂଚନା ଦେଇଥାଏ । ଚନ୍ଦ୍ର ପର୍ବତରୁ ବାହାରିଥିବା ରେଖାର କିଛି ଖାସ କଥା ରହିଛି । ଆସନ୍ତୁ ଜାଣିବା କ'ଣ କହୁଛି ଏହି ରେଖା ।

– ଯଦି ଚନ୍ଦ୍ର ପର୍ବତ ଠାରୁ କୌଣସି ଭାଗ୍ୟ ରେଖା ବାହାରି ଶନି ପର୍ବତ ପର୍ଯ୍ୟନ୍ତ ଯାଇଥାଏ, ତେବେ ଏହାକୁ ବହୁତ ଶୁଭ ମନାଯାଇଥାଏ। ଏପରି ଲୋକଙ୍କୁ ବିଦେଶରୁ ଖୁବ ଅର୍ଥ ମିଳିଥାଏ ।

– ହସ୍ତରେଖା ଶାସ୍ତ୍ର ଅନୁସାରେ ବ୍ୟକ୍ତିର ହାତରେ ଥିବା ଚନ୍ଦ୍ର ପର୍ବତର ବହୁତ ମହତ୍ୱ ରହିଥାଏ । ଯଦି କୌଣସି ବ୍ୟକ୍ତିର ହାତରେ ଚନ୍ଦ୍ର ପର୍ବତରୁ ଭାଗ୍ୟ ରେଖା ବାହାରିଥାଏ, ତେବେ ଏପରି ବ୍ୟକ୍ତିଙ୍କ ବିବାହ ପରେ ଜୀବନସାଥୀର ସହଯୋଗରେ ବହୁତ ଉନ୍ନତି ମିଳିଥାଏ।

– କୁହାଯାଏ କି ଯେଉଁ ଲୋକଙ୍କ ହାତରେ ଭାଗ୍ୟ ରେଖା ଯେତେ ସ୍ପଷ୍ଟ ହୋଇଥାଏ, ତାଙ୍କୁ ନିଜର ଜୀବନରେ ସେତେ ଶୁଭ ପରିଣାମ ମିଳିଥାଏ । ଏମିତି ଲୋକ ନିଜର କାର୍ଯ୍ୟକ୍ଷେତ୍ରରେ ସଫଳତା ସହ ବହୁତ ଧନ ପ୍ରାପ୍ତି କରିଥାନ୍ତି । ସେହିପରି ହାତରେ ଏକରୁ ଅଧିକ ଭାଗ୍ୟ ରେଖା ହେଲେ ବ୍ୟକ୍ତିଙ୍କୁ ବହୁ ସ୍ରୋତରୁ ଅର୍ଥ ମିଳିଥାଏ ।

ଆପଣ ଦିନକୁ କେତେ ଥର ଚା' ପିଉଛନ୍ତି ? ସମୟ ଥାଉ ଥାଉ ହୁଅନ୍ତୁ ସାବଧାନ !

ଚା' ହେଉଛି ଏମିତି ଏକ ଜିନିଷ ଯାହାର ସାହାଯ୍ୟରେ ଅନେକଙ୍କ ଘରେ ସକାଳ ଆରମ୍ଭ ହୁଏ । ଏମିତି କିଛି ଘର ଅଛି ଯେଉଁଠି ବିନା ଚା' ରେ ଜଳଖିଆ ହୋଇଥାଏ ନଥାଏ। ଆପଣ ଦେଖିଥିବେ କିଛି ଲୋକ ଚା' ପିଇବାରେ ଏତେ ଅଭ୍ୟସ୍ତ ହୋଇଯାଇଥାନ୍ତି ଯେ, ଦିନରେ ଅନେକ ଥର ଏହାକୁ ପିଇଥାନ୍ତି । ଅନେକ ଲୋକ ବେଡ୍ ଟି ବିନା ଶେଯରୁ ଉଠନ୍ତି ନାହିଁ । ମାତ୍ର ଜାଣରଖନ୍ତୁ ଯେ ବେଡ୍ ଟି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ। ଚା' ରେ ଅନେକ ପ୍ରକାରର ଏସିଡ୍ ଥାଏ। ଖାଲି ପେଟରେ ଚା' ପିଇ ଆପଣ ନିଜ ପେଟର ସିଧାସଳଖ କ୍ଷତି ପହଁଚାଉଛନ୍ତି। ଏହାଦ୍ୱାରା ଅଲସର ବା ଗ୍ୟାସ୍ ଭଳି ସମସ୍ୟା ବଢ଼ିବାର ସମ୍ଭାବନା ରହିଥାଏ। ଏବେ ଆସନ୍ତୁ ଜାଣିବା ବେଡ୍ ଟି ଦ୍ୱାରା କଣ ସବୁ ସ୍ୱାସ୍ଥ୍ୟଗତ ଅସୁବିଧା ଦେଖାଦିଏ।

ଯଦି ଆପଣ ସେହି ଲୋକଙ୍କ ମଧ୍ୟରୁ ଜଣେ , ତାହେଲେ ଖାଲି ପେଟରେ କ୍ଷୀର ଚା' ପିଅନ୍ତୁ ନାହିଁ। ଖାଲି ପେଟରେ ଅଧିକ କ୍ଷୀର ମିଶା ଚା' ପିଇବା ଦ୍ୱାରା କ୍ଲାନ୍ତ ଅନୁଭବ ହୁଏ । ଆଉ ଗୋଟେ କଥା ହେଲା ଚା'ରେ କ୍ଷୀର ମିଶାଇବା ଦ୍ୱାରା ଆଣ୍ଟିଅକ୍ସିଡେଂଟର ପ୍ରଭାବ କମିଯାଇଥାଏ ।

ଯଦି ଆପଣ ଏହା ବି ଭାବୁଛନ୍ତି ଯେ ଆପଣ ଚା' ଖାଇବା ପରେ ପିଉଛନ୍ତି , ତଥାପି

ଆପଣ ସମସ୍ୟାରୁ ବାହାର ନୁହଁନ୍ତି । ଆମେ ସମସ୍ତେ ଜାଣନ୍ତି ଯେ ଚା' ରେ ଟେଟିନ୍ ଥାଏ । ଯାହା ଆହାରରେ ଥିବା ଆୟରନ୍ ସହ ପ୍ରଭାବ ପକାଇଥାଏ । ଏଥିପାଇଁ ଖାଇବା ପରେ ଚା' ପିଇବା ଦ୍ୱାରା ପୋଷକ ତତ୍ୱ ନଷ୍ଟ ହୋଇଥାଏ।

ଯଦି ଆପଣ ଦିନରେ ୪ରୁ ୫ଥର ଚା' ପିଉଥାନ୍ତି , ତ ନିଜର ଏହି ଅଭ୍ୟାସକୁ ପରିତ୍ୟାଗ କରନ୍ତୁ । ବହୁତ ଅଧିକ ଗରମ ଚା' ପିଇବାର ଅଭ୍ୟାସ ମଧ୍ୟ ଭଲ ନୁହେଁ । ଏହାଦ୍ୱାରା ଖାଦ୍ୟ ନଳୀରେ କର୍କଟ ହେବାର ସମସ୍ୟା ବଢିଯାଇଥାଏ ।

ଘରେ ପ୍ରସ୍ତୁତ କରନ୍ତୁ ଚିକେନ ଲଲିପପ

ଆବଶ୍ୟକ ସାମଗ୍ରୀ:

ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଢ଼େଇରେ ତେଲ ଗରମ କରି ଚିକେନ୍‌କୁ ଫ୍ରାଏ କରି ରଖନ୍ତୁ।

ଏବେ ଆଉ ଏକ ପ୍ୟାନ୍‌ରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।

ଓଭର-ସାଇଜ ଟି-ଶାର୍ଟକୁ ନେଇ ଟେନସନ୍ କି ? ଏଥିରେ ବି ଲାଗି ପାରିବେ ଷ୍ଟାଇଲିଶ୍

ବେଳେବେଳେ ଶପିଂ କରିବାକୁ ଯାଇଥିବା ବେଳେ ଜଲଦିରେ ଆମେ କିଛି ଭୁଲ କରିବସୁ। ଜାଣତରେ ହେଉ ବା ଅଜାଣତରେ ବେଳେବେଳେ ଭଲ ଲାଗିଲେ ଆମେ ସାଇଜ ନ ଦେଖି ଓଭର ସାଇଜର ଟି-ଶାର୍ଟ ନେଇ ଆସିଥାଉ। ହେଲେ ଘରେ ଆସି ମୁଣ୍ଡରେ ହାତ ଦେଉ। ତାହାକୁ ରଖିବୁ, ନା ଫେରାଇବକୁ ସେଇ ଦ୍ୱନ୍ଦ୍ୱରେ ପଡୁ। ହେଲେ ଏପରି ସ୍ଥିତିରେ ବେଶି ଟେନସନ ନିଅନ୍ତୁ ନାହିଁ। ଏହି ଓଭର ସାଇଜ ଟି-ଶାର୍ଟରେ ବି ଆପଣ ଲାଗି ପାରିବେ ହଟ୍, ଟ୍ରେଣ୍ଡି ଓ ଷ୍ଟାଇଲିଶ ।

■ ଏପରି ଟି-ଶାର୍ଟକୁ ଜିନ୍ସ ସହ ମ୍ୟାଚ କରନ୍ତୁ। ଆଉ ଏହା ଉପରେ ଫିଟିଂ ବ୍ଲେଜର କିମ୍ବା ଜ୍ୟାକେଟ ପିନ୍ଧି ଦିଅନ୍ତୁ। ଏହା ସାଙ୍ଗକୁ ପିନ୍ଧନ୍ତୁ ହାଇ ହିଲ୍ସ। ବେଶି ପରିଶ୍ରମ ବିନା ହିଁ ଆପଣ ଦେଖାଯିବେ ଷ୍ଟାଇଲିଶ୍।

■ ଏହାବ୍ୟତୀତ ଓଭର ସାଇଜ ଟି-ଶାର୍ଟକୁ ସ୍କର୍ଟ ସହ ବି ପିନ୍ଧି ପାରିବେ। ଏଥିଲାଗି ଆପଣ ହାଇ-ୱେଷ୍ଟ ସ୍କଟ୍ ପିନ୍ଧନ୍ତୁ। ପ୍ଲିଟସ୍ ସ୍କଟସ୍ କିମ୍ବା ଡେନିମ ସ୍କଟସ୍ ବି ଭଲ ଅପସନ୍। ଏବେ କେବଳ ଟି- ଶାର୍ଟ ଇନ୍ କରନ୍ତୁ ଓ ହୋଇଯାଆନ୍ତୁ ରେଡି।

■ ବଡ ଟି-ଶାର୍ଟରେ ବି ଯଦି ଆପଣ ଚାହୁଁଛନ୍ତି ସୁନ୍ଦର ଦେଖାଯିବାକୁ ତା ହେଲେ ଶର୍ଟସ୍ ସହ ପିନ୍ଧନ୍ତୁ। ଚାହିଁଲେ ବେଲ୍ଟ ବି ଲଗାଇ ପାରିବେ। ଏହାକୁ ଅଣ୍ଟା ଉପରେ ବାନ୍ଧି ଦେଖାଯିବେ କୁଲ୍।

■ ଆପଣ ବଡ ସାଇଜର ଟି-ଶାର୍ଟକୁ ୱିନ ସାଇଡ୍ ଶୋଲଡର ଟପ୍ ଭଳି ବି ପିନ୍ଧି ପାରିବେ। ଏହାକୁ ଆପଣଙ୍କୁ କେବଳ ଯେ, ଷ୍ଟାଇଲିଶ୍ ଲୁକ୍ ଦେବ ତା ନୁହେଁ, ଆପଣ ଏଥିରେ ଦେଖାଯିବେ ହଟ୍ ଓ ଗ୍ଲାମରସ।

ଏହି ସବୁ ଖାଦ୍ୟ ଦୈନିକ ଖାଆନ୍ତୁ ନାହିଁ: ଅନେକ ଅସୁବିଧାର ହୋଇପାରନ୍ତି ସମ୍ମୁଖୀନ

ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି'ର ଖୁବ୍ ଆବଶ୍ୟକତା ରହିଛି। କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ। ସେହି ସବୁ ଖାଦ୍ୟ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି।

♦ନମ୍କିନ୍ (ଖଟାମିଠା), ଚିପ୍ସ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ। ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ।

♦ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ। ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ। ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ।

♦ପ୍ୟାକେଟରେ ଆସୁଥିବା ତିଆରି ହୋଇଥିବା ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ। ଏହା ଶରୀରରେ କ୍ୟାଲସିୟମ୍‌ର ମାତ୍ରା କମ୍ କରିଥାଏ। ଏହା ଯୋଗୁ ହାଡ଼ ଦୁର୍ବଳ ହୋଇଥାଏ।

♦ବର୍ଗର, ପିଜା, ପାସ୍ତା ଆଦି ଜଙ୍କ୍ ଫୁଡ୍‌ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ। ଏହା ମଧ୍ୟ ଶରୀରରେ କ୍ୟାଲ୍ସିୟମ୍‌ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ।

ଅଶାନ୍ତି ଦୂର କରିବାକୁ ଚାହୁଁଥିଲେ: ଭୁଲରେ ବି ଘରେ ରଖନ୍ତୁନି ଏସବୁ ଜିନିଷ

ଘରେ ସୁଖ, ଶାନ୍ତି ଏବଂ ହସଖୁସିମୟ ପରିବେଶ ପାଇଁ ବାସ୍ତୁ ହିସାବରେ ସବୁ ଜିନିଷ ଠିକ ହେବା ନିହାତି ଜରୁରୀ। ଅନେକ ସମୟରେ ଘରେ ବନ୍ଦ ପଡି ରହିଥିବା ତଥା ଅଦରକାରି ଜିନିଷଗୁଡିକ ବାସ୍ତୁ ଦୋଷର କାରଣ ହୋଇପାରେ। ବିଶ୍ୱାସ ରହିଛି ଯେ, ଘରେ ବାସ୍ତୁ ଦୋଷ ରହିଲେ ଟଙ୍କା ଅଭାବ ଦେଖାଦେବ। ଏଥିସହ ଘରର ସଦସ୍ୟମାନେ ରୋଗାକ୍ରାନ୍ତ ହୋଇପଡିବେ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଘରେ ବନ୍ଦ ପଡି ରହିଥିବା କିଛି ବସ୍ତୁ ତଥା ଜିନିଷ ଅଶୁଭର ପ୍ରତୀକ ହୋଇଥାଏ। ତେଣୁ ସେଗୁଡିକୁ ତୁରନ୍ତ ଘରୁ ବାହାର କରିଦେବା ଉଚିତ। ତେବେ କେଉଁ କେଉଁ ଜିନିଷ ରଖିଲେ ଘରେ ବାସ୍ତୁଦୋଷ ସହ ଅଶାନ୍ତି ଦେଖାଦେବ ଆସନ୍ତୁ ଜାଣିବା

ବନ୍ଦ ଘଣ୍ଟା: ଘଣ୍ଟ ଆପଣଙ୍କୁ ସମୟ କହିବା ସହ ଆପଣଙ୍କ ଦିନକୁ ଆଗକୁ ନେବାରେ ସହାଯ୍ୟ କରେ। କୁହାଯାଏ ଯେ, ଏହା ଆପଣଙ୍କ ଖରାପ ସମୟକୁ ମଧ୍ୟ ଟାଳି ଦିଏ। ଘରେ ବନ୍ଦ ଘଣ୍ଟା ରଖିବା ଉଚିତ ନୁହେଁ। ବନ୍ଦ ଘଣ୍ଟା ଦୁର୍ଭାଗ୍ୟର ପ୍ରତୀକ। ଏହାଦ୍ୱାରା ଘରେ ବାସ୍ତୁଦୋଷ ଉତ୍ପନ୍ନ ହୁଏ।

ବନ୍ଦ ତାଲା: ତାଲା ଆପଣଙ୍କ ବନ୍ଦ ପଡିଥିବା ଭାଗ୍ୟକୁ ଚକମାଇପାରେ ଏବଂ ସର୍ବଦା ପାଇଁ ତାକୁ ଦୁର୍ଭାଗ୍ୟରେ ପରିଣତ ମଧ୍ୟ କରିପାରେ। ଘରେ ବନ୍ଦ ପଡିଥିବା ତଥା ପୁରୁଣା ତାଲା ରଖିବା ଉଚିତ ନୁହେଁ। କୁହାଯାଏ, ବନ୍ଦ ତାଲା ଘରେ ରଖିବା ଦ୍ୱାରା କ୍ୟାରିଅରେ ବାଧା ଉପୁଜେ ଏବଂ ବିବାହ କାର୍ଯ୍ୟରେ ବିଳମ୍ବ ହୁଏ।

ଖରାପ ଜୋତା: ଶାସ୍ତ୍ର ଅନୁସାରେ ଜୋତା ତଥା ଚପଲର ସମ୍ବନ୍ଧ ସଂଘର୍ଷ ସହ ଜଡିତ। ଜୀବନରେ ସଂଘର୍ଷକୁ କମ୍ କରିବା ପାଇଁ ସର୍ବଦା ସଫା ସୁତୁରା ଏବଂ ଭଲ ଚପଲ ପିନ୍ଧିବା ଉଚିତ। ଖରାପ ଜୋତା ବା ଚପଲ ପିନ୍ଧିବା ଦ୍ୱାରା ବାସ୍ତୁଦୋଷ ଉତ୍ପନ୍ନ ହୁଏ। ତେଣୁ ଏସବୁକୁ ଶନିବାର ଦିନ ଘରୁ ବାହାର କରିଦେବା ଉଚିତ।

ବିଳମ୍ବିତ ରାତିରେ ଖାଉଛନ୍ତି କି ?: ଡାକି ଆଣିପାରେ ଭୟଙ୍କର ବିପଦ

ଅନେକ ଲୋକେ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ରାତିରେ ଶୀଘ୍ର ଖାଇ ପାରନ୍ତି ନାହିଁ। ସେମାନଙ୍କୁ ବିଳମ୍ବିତ ରାତିରେ ଖାଦ୍ୟ ଖାଇବାକୁ ପଡିଥାଏ। ତେବେ ଡେରିରେ ରାତ୍ରୀ ଭୋଜନ କରିବା ଶରୀରହ ଓଜନ ବୃଦ୍ଧି କରିବା ସହିତ ହୃଦୟ ପାଇଁ ମଧ୍ୟ ବିପଦ ଡାକି ଆଣିପାରେ। ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ଖରାପ ପ୍ରଭାବ ପଡିଥାଏ। ଲେଟ୍ ନାଇଟ୍ ଭୋଜନ କଲେ କ'ଣ ସବୁ ସମସ୍ୟା ଉପୁଜେ ଆସନ୍ତୁ ଜାଣିବା।

♦ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ କମିବା ବଦଳରେ ବଢ଼ିବାକୁ ଲାଗିବ। ଓଜନ ବୃଦ୍ଧି ହେବା ଫରେ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ। ସେଥିପାଇଁ ରାତ୍ରୀ ଭୋଜନ ସବୁବେଳେ ଠିକ୍ ସମୟରେ ଖାଇବା ଉଚିତ୍। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ଠିକ୍ ସମୟରେ ରାତ୍ରୀ ଭୋଜନ ଆରମ୍ଭ କରନ୍ତୁ।

♦ବିଳମ୍ବିତ ରାତିରେ ଖାଇବା ଆପଣଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସାଂଘାତିକ ହୋଇପାରେ। ଅନେକ ଗବେଷଣା ଅନୁଯାୟୀ, ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିପାରେ। ଏହା ଆପଣଙ୍କ ଏକାଗ୍ରତା ଏବଂ ସ୍ମରଣ ଶକ୍ତି କ୍ଷମତାକୁ ପ୍ରଭାବିତ କରିଥାଏ। ଏଥିପାଇଁ ଡାକ୍ତରମାନେ ରାତି ୭ଟାରୁ ୯ଟା ଭିତରେ ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି।

♦ଯଦି ଆପଣଙ୍କ ଲେଟ୍ ନାଇଟ୍‌ରେ ଖାଇବା ପରେ ତୁରନ୍ତ ଶୋଇବା ଅଭ୍ୟାସ ଅଛି ତେବେ ସାବଧାନ ହୋଇ ଯାଆନ୍ତୁ। ଏପରି କରିବା ଦ୍ୱାରା ଛାତିରେ ଯନ୍ତ୍ରଣା, ଅମ୍ଳପିତ ଏବଂ ପେଟ ଜନିତ ସମସ୍ୟା ଆଦି ଦେଖା ଦେଇପାରେ।

♦ରାତିରେ ଜଙ୍କ ଫୁଡ୍ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଲେଟ୍ ନାଇଟ୍‌ରେ ଜଙ୍କ ଫୁଡ୍ ଖାଇବା ଦ୍ୱାରା ମେଦବହୁଳତା ସମସ୍ୟା ସୃଷ୍ଟି ହୋଇପାରେ। ଏଥିପାଇଁ ଆପଣ ନିଜ ଦୈନନ୍ଦିନ ରାତ୍ରି ଭୋଜନରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରିବା ଉଚିତ। ଏଥିସହ ଆପଣ ଚାହିଁଲେ ଖାଇବା ପରେ ବାଦାମ କିମ୍ବା ଆପଲ ମଧ୍ୟ ଖାଇପାରିବେ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ବିଦେଶ ଗସ୍ତ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଦେଶ ଗସ୍ତ ଶେଷ ହେବା ପରେ ସେ ଫେରି ଆସିଛନ୍ତି ଭାରତକୁ । ତେବେ ତାଙ୍କର ଏଇ ଗସ୍ତ ଭିତରେ ଅନ୍ୟତମ ଉଲ୍ଲେଖନୀୟ କାର୍ଯ୍ୟ ଥିଲା ଅଷ୍ଟ୍ରେଲିଆକୁ ତିନିଦିନିଆ ଗସ୍ତ । ଭାରତ- ଅଷ୍ଟ୍ରେଲିଆ ସମ୍ପର୍କ ସବୁବେଳେ ଉତ୍ତମ ରହି ଆସିଛି, ବିଶେଷକରି ଏହା ଅଧିକ ଘନିଷ୍ଠ ହୋଇଛି ଛଅ ବର୍ଷ ପୂର୍ବେ କ୍ୱାଡ୍ ଏକ କୌଶଳପୂର୍ଣ୍ଣ ମେଣ୍ଟରେ ପରିଣତ ହେବା ପରଠାରୁ, ଯେଉଁଥିରେ ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଭାରତ ଏବଂ ଅଷ୍ଟ୍ରେଲିଆ ସଦସ୍ୟ ରହିଛନ୍ତି। ଭାରତଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଖଲିସ୍ତାନୀ ରାଷ୍ଟ୍ର ଗଠନ କରିବା ପାଇଁ ପ୍ରତିବାଦ ଏବଂ ପ୍ରଦର୍ଶନ କରିବା ଭଳି ଗଣତାନ୍ତ୍ରିକ ଅଧିକାରର ରୋମାଞ୍ଚକାରୀ ଧାରଣା ବେଶ୍ କିଛିଦିନ ହେବ ଏଠାରେ ରହି ଆସିଛି । ବସ୍ତୁତଃ, ଏହା ଅଷ୍ଟ୍ରେଲିଆରେ ୩୧ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା, ଯେତେବେଳେ କି ପ୍ରଥମ ଥର ପାଇଁ ଭାରତ ଏବଂ ପାକିସ୍ତାନ ବିଶ୍ୱ କପ୍ କ୍ରିକେଟ୍ ଏକ ମ୍ୟାଚ୍ ଖେଳିବା ପାଇଁ ଧାର୍ଯ୍ୟ ହୋଇଥୁଲା, ଆଉ ଏହି ଅବସରରେ ସିଡ୍‌ନୀ କ୍ରିକେଟ୍ ପଡ଼ିଆରେ ମୁଣ୍ଡରେ କମଳା ରଙ୍ଗର ପଗଡ଼ି ବାନ୍ଧି ଆନ୍ତର୍ଜାତିକ ଶିଖ୍ ଯୁବ ସଂଘର କିଛି ସଦସ୍ୟ ପଡ଼ିଆ ଚାରିପଟେ ଖୋଲାଖୋଲି ପାକିସ୍ତାନକୁ ସମର୍ଥନ କରୁଥିବା କହି ବୁଲିଥିଲେ। ଅଷ୍ଟ୍ରେଲିଆ ପୁଲିସ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବା ବେଳେ କ୍ରିକେଟ୍ ଖେଳର ଭାବନାରେ ମଜି ରହିଥିବା ଦର୍ଶକମାନେ, ଯେଉଁମାନଙ୍କ ଭିତରେ ଉଭୟ ଭାରତ ଓ ଅଷ୍ଟ୍ରେଲିଆର ଲୋକମାନେ ରହିଥିଲେ, ସେମାନେ ସେଥିପ୍ରତି କ୍ୱଚିତ୍ ଧ୍ୟାନ ଦେଇଥିଲେ । ସେ ସମୟରେ ଭାରତୀୟ ପ୍ରବାସୀ ସଦସ୍ୟମାନେ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ପେସାଦାର ଡାକ୍ତର ଏବଂ ଇଞ୍ଜିନିୟର ଥିଲେ, ସେମାନଙ୍କ ସଂଖ୍ୟା ବର୍ତ୍ତମାନ ଅନେକ ଗୁଣ ବୃଦ୍ଧି ପାଇ କେତେ ମିଲିଅନ୍ ଅଙ୍କକୁ ଛୁଇଁ ସାରିଲାଣି ଏବଂ ସେଇମାନେ ହିଁ ପ୍ରକୃତରେ ଭାରତ ପାଇଁ ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରୁଛନ୍ତି । ଆଉ ଏଥପାଇଁ ସିଡନୀରେ ଶ୍ରୀଯୁକ୍ତ ମୋଦୀ କହିଥିଲେ ଯେ ଅଷ୍ଟ୍ରେଲିଆ ସହିତ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ନିବିଡ଼ ହେବା ପଛରେ 'ପ୍ରକୃତ କାରଣ, ଏବଂ ପ୍ରକୃତ ଶକ୍ତି' ହେଉଛନ୍ତି ଭାରତୀୟ ଏବଂ ସେମାନଙ୍କ ବଂଶୋଦ୍ଭବମାନେ । ପ୍ରତିରକ୍ଷା ଏବଂ ସୁରକ୍ଷା ସମ୍ପର୍କ, ପୁନର୍ନବୀକରଣୀୟ ଶକ୍ତି, ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକ ମଧ୍ୟ ବିସ୍ତୃତ କାର୍ଯ୍ୟସୂଚୀରେ ସାମିଲ ଥିଲା, ଠିକ୍ ଯେମିତି ଥିଲା ଆସନ୍ତା ଡିସେମ୍ବର ସୁଦ୍ଧା ଏକ ବ୍ୟାପକ ଅର୍ଥନୀତିକ ସହଯୋଗ ରାଜିନାମା ସ୍ୱାକ୍ଷର କରିବାର ଆବଶ୍ୟକତା ସମ୍ପର୍କୀୟ ଆଲୋଚନା । ଯେତେଦୂର ଆନ୍ତର୍ଜାତିକ ପ୍ରସଙ୍ଗଗୁଡ଼ିକ କଥା ଉଠେ, ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଅନୁଦାନ ବନ୍ଦ କରିବା କଥାକୁ ନେଇ ଉଭୟଙ୍କ ମଧ୍ୟରେ ମତ ପାର୍ଥକ୍ୟ ରହିଥିଲେ ସୁଦ୍ଧା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ଅବାଧ ଏବଂ ମୁକ୍ତ ରଖିବା, ଏବଂ ଆକ୍ରମଣାତ୍ମକ ଚୀନ୍ ସହିତ କାରବାର କରିବା ପାଇଁ ଏ ଦୁଇ ରାଷ୍ଟ୍ରଙ୍କ ସମ୍ପର୍କରେ ନିରବଚ୍ଛିନ୍ନତା ଏବଂ ସାଧାରଣ କାରଣ ନିହିତ। ଏସବୁ ବାଦ୍ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀଙ୍କର ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କ ପ୍ରତି ଆନ୍ତରିକତା ଜଣାପଡ଼େ ହାରିସ୍ ପାର୍କକୁ 'କ୍ଷୁଦ୍ର ଭାରତ' ଭାବରେ ନାମିତ କରାଯିବାରୁ । ବସ୍ତୁତଃ, ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବିଶେଷ ସମ୍ପର୍କ ସ୍ଥାପିତ ହୋଇଛି ୨୦୧୨ଠାରୁ, ଯେତେବେଳେ କି ଭାରତ ନ୍ୟୁକ୍ଲିଅର ନନ୍-ପ୍ରଲିଫରେସନ୍ ଟ୍ରିଟି ବା ଚୁକ୍ତିରେ ସ୍ୱାକ୍ଷରକାରୀ ହୋଇ ନଥିଲେ ସୁଦ୍ଧା ଅଷ୍ଟ୍ରେଲିଆ ସରକାର ଏହାକୁ ୟୁରାନିୟମ୍ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ୨୦୧୭ରେ ପ୍ରକୃତ ପକ୍ଷେ ଏହି ଖଣିଜ ପଦାର୍ଥର ଏକ ସୀମିତ ପରିମାଣ ଭାରତକୁ ବିକ୍ରି କରିଥିଲେ। ତେଣୁ ସାମ୍ପ୍ରତିକ ସମୟରେ ଭାରତ ଉପରୋକ୍ତ ଚୁକ୍ତିଗୁଡ଼ିକୁ ସମ୍ପାଦିତ କରି ଏହି ରାଷ୍ଟ୍ର ସହିତ ସମ୍ପର୍କକୁ ଅଧିକ ଘନିଷ୍ଠ କରିବା ପଥରେ ଅବଶ୍ୟ ପଥକ ହେବ । ଶ୍ରୀଯୁକ୍ତ ମୋଦୀଙ୍କର ଭାରତୀୟ ପ୍ରଧାନମନ୍ତ୍ରୀ ଭାବରେ ନଅ ବର୍ଷର କାର୍ଯ୍ୟକାଳ ଭିତରେ ଅଷ୍ଟ୍ରେଲିଆ ହୁଏତ ଚାରିଜଣ ପ୍ରଧାନମନ୍ତ୍ରୀ- ଟୋନି ଆବୋଟ୍, ମାଲ୍‌କମ୍ ଟର୍ଣ୍ଣବୁଲ, ସ୍କଟ୍ ମୋରିସନ୍ ଏବଂ ଆନଥ୍ନୀ ଆଲ୍‌ବାନିଜ୍‌ଙ୍କୁ ପରିଲକ୍ଷିତ କରିଥାଇପାରେ, କିନ୍ତୁ ଛାତ୍ରମାନଙ୍କୁ ଭିସା ପ୍ରଦାନ, ଖଲିସ୍ତାନ ସମର୍ଥକଙ୍କ କାଣ୍ଡ ଭଳି କେତେକ ଛୋଟ ମୋଟ ଘଟଣାକୁ ବାଦ୍ ଦେଲେ ଉଭୟ ରାଷ୍ଟ୍ରଙ୍କ ମଧ୍ୟରେ ସମ୍ପର୍କ ପୂର୍ବାପେକ୍ଷା ଅଧିକ ନିବିଡ଼ ହୋଇଛି ଏବଂ ଆଗାମୀ ସମୟରେ ମଧ୍ୟ ଏହା ବଜାୟ ରହିବା ଆଶା କରାଯାଏ। କହିବା ବାହୁଲ୍ୟ, ସମୟ ଅତିବାହିତ ହେବା ସହିତ ଅଷ୍ଟ୍ରେଲିଆରେ ଖଲିସ୍ତାନୀ ସମର୍ଥକଙ୍କ କାର୍ଯ୍ୟ ଭଳି କେତେକ ଘଟଣା ବୃଦ୍ଧି ପାଇବା ଯଦିଓ ଚିନ୍ତାର କାରଣ, ତେବେ ଏଭଳି ଗସ୍ତ ସମୟରେ ସେଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବା ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣାକୁ ଦୃଢ଼ କରିବା ନିମନ୍ତେ ଅନୁକୂଳ ନୁହେଁ କିମ୍ବା ଶ୍ରୀଯୁକ୍ତ ମୋଦୀଙ୍କ ଭାଷାରେ 'ଥ୍ରୀ-ଡି'- ଅର୍ଥାତ୍ ଡେମୋକ୍ରାସି, ଡାୟାସୋରା ଏବଂ ଦୋସ୍ତି (ଗଣତନ୍ତ୍ର, ପ୍ରବାସ ଏବଂ ବନ୍ଧୁତ୍ୱ)କୁ ଆଗେଇ ନେବାରେ ବାଧକ ସାଜିପାରେ ।

ଚିର ପ୍ରତୀକ୍ଷିତ ଆଶା ?

ବେଣୁଧର ସୂତାର

ତୁମେ ମୋ ମନର ନିଃଶବ୍ଦ ପୁଲକ
ପ୍ରୀତିର ଅମୃତ ଭାଷା
ହୃଦେ ଭରିଅଛ ଅସରା ସପନେ
ଚିରନ୍ତନୀ ଭାବ ଦିଶା
ପବିତ୍ର ପ୍ରେମର ଚାରୁ ରୂପକଳ୍ପ
ଚିର ପ୍ରତୀକ୍ଷିତ ଆଶା
ପ୍ରୀତିର ଅମୃତ ଭାଷା....
ତୁମରି ପ୍ରେମର ଲଳିତ ଲହର
ଭାବ ଅମୃତର ଧାରା
ରୂପ ସୁଷମାର ମାଧୁର୍ଯ୍ୟ ମହକ
କରି ଦିଏ ଆତ୍ମହରା
ପ୍ରୀତି ଭକତିର ସମ୍ମୋହନ ସୁର
ବିଶ୍ୱାସର ପରିଭାଷା
ଚିର ପ୍ରତୀକ୍ଷିତ ଆଶା...
ଚନ୍ଦନ ଚର୍ଚ୍ଚିତ ନୀଳତନୁ ତୁମ
ଆହା କେଡ଼େ ମନୋହର
କୋଟି ଲାବଣ୍ୟର ଲଳିତ ବିସ୍ତାର
କଳ୍ପ ଆଉ କଳ୍ପାନ୍ତର
ଦେବ ଦୁର୍ଲ୍ଲଭ ସେ ରୂପ ଦରଶନେ
ମେଣ୍ଟିବ ମନର ତୃଷା
ଚିର ପ୍ରତୀକ୍ଷିତ ଆଶା...
ମୋ ଅନ୍ତର ଘନ ତିମିର ତୀର୍ଥର

ତୁମେ ପୂର୍ଣ୍ଣ ନୀଳଜହ୍ନ
ଅନନ୍ତ ଜ୍ୟୋତିର ଦିବ୍ୟ ଅହସ୍କର
ବ୍ରହ୍ମମୟ ସନାତନ
ଭକ୍ତି ନୈବେଦ୍ୟର ଆଦ୍ୟଆବାହନ
ଅମୃତ ଉଷସୀ ଉଷା
ଚିର ପ୍ରତୀକ୍ଷିତ ଆଶା....
ସବୁ ବନ୍ଧନ ମୁଁ କାଟିଦେଇ ପ୍ରଭୁ
ତୁମରି ଶରଣ ନେଲି
ମନକୁ କରିଛି ପୁଣ୍ୟ ନୀଳାଚଳ
ହୃଦୟ ଶରଧା ବାଲି
ତୁମବିନାସ୍ଥିତି ଶୂନ୍ୟ ପରିସ୍ଥିତି
ତୁମେ ମୋ ସଙ୍କଳ୍ପ ଦିଶା
ତୁମେ ମୋ ମନର ନିଃଶବ୍ଦ ପୁଲକ
ପ୍ରୀତିର ଅମୃତ ଭାଷା
ଚିର ପ୍ରତୀକ୍ଷିତ ଆଶା...

କେଶଦୁରାପାଳ
କେନ୍ଦୁଝର
ମୋ: ୯୧୭୮୫୬୮୨୪୬

ହିଂସା ପ୍ରଣୋଦିତ ବୈଶ୍ୱିକ ବ୍ୟବସ୍ଥା ଏବଂ ଅହିଂସା ସଂସ୍ଥାପନ ପଥେ ଭାରତ : ଜି ୨୦ ଅଧ୍ୟକ୍ଷତାର ଲକ୍ଷ୍ୟ

ଶ୍ରୀଲଙ୍କା ସରକାର ଯେଉଁପରି ଭାବେ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଦେବାଳିଆ ହେବା ଆରମ୍ଭ କରିଲେ, ସେ ସମୟରେ ଶ୍ରୀଲଙ୍କା ବାସୀ ବିଦ୍ରୋହ କରିବା ସହ ସମଗ୍ର ଦେଶରେ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ସରି ଆସିଥିଲା। ଏହି ସମୟରେ ଭାରତ ଶ୍ରୀଲଙ୍କାକୁ ଖାଦ୍ୟ ସମାଗ୍ରୀ, ଔଷଧ, ପେଟ୍ରୋଲ, ସାର ପରି ଅନେକ କିଛି ଦ୍ରବ୍ୟ ପଠାଇଥିଲା ।

ନେତାଜୀ ତାପସ କୁମାର ସାହୁ

'ଅହିଂସା ପରମୋ ଧର୍ମ' ସାମ୍ପ୍ରତିକ ସମୟରେ ଏହି ଧ୍ୟେୟ ବାକ୍ୟର ପୁନଃ ଆବଶ୍ୟକତା ରହିଛି । ଏକ ପକ୍ଷରେ ସାମ୍ରାଜ୍ୟବାଦ, ସନ୍ତ୍ରାସବାଦ ଓ ଶୀତଳ ଯୁଦ୍ଧ ଯୋଗୁଁ ସମଗ୍ର ବିଶ୍ୱ ତ୍ରାହି ତ୍ରାହି ଡାକୁଥିବା ବେଳେ, ଭାରତ ବିଶ୍ୱର ଶ୍ରେଷ୍ଠ ୨୦ଟି ଦେଶଙ୍କୁ ନେଇ ଗଠିତ ଜି ୨୦ ଅଧ୍ୟକ୍ଷତା କରିବା ଏବେ ମହୌଷଧି ସାବ୍ୟସ୍ତ ହୋଇଛି କ୍ଷ ଯେଉଁ ଭାରତ ମାଟିରେ ସ୍ୱାମୀ ବିବେକାନନ୍ଦ ଓ ଗୌତମ ବୁଦ୍ଧଙ୍କ ମାନବତା କଲ୍ୟାଣ ପାଇଁ ନିଜର ଜୀବନ ଉତ୍ସର୍ଗ କରିଥିବାରୁ ସେମାନେ ଯଥା କ୍ରମେ ବିଶ୍ୱ ବିଜୟୀ ଓ ଏସିଆ ମହାଦେଶର ଆଲୋକ ରୂପେ ବିଖ୍ୟାତ ହେଲେ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ତାଙ୍କୁ ଆଜି ପ୍ରତିଟି ବିଶ୍ୱ ବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ଭାବେ ପ୍ରତିପାଦିତ କରିଛି, ସେହି ମାଟି ଆଜି ପୁନଃ ବିଶ୍ୱ ଗୁରୁ ମାନ୍ୟତା ପ୍ରାପ୍ତି ଉଦ୍ଦେଶ୍ୟରେ ।

ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ବିଭୀଷିକାରେ ଅନେକ ଦେଶ ପକ୍ଷଭୁକ୍ତ ହୋଇଥିବା ବେଳେ ଭାରତ ଉପରେ ଥିଲା ସମସ୍ତଙ୍କ ନଜର । କାରଣ ଭାରତର ମିତ୍ର ଦେଶ ହେଉଛି ରୁଷ୍ । ମାତ୍ର ଭାରତ କୌଣସି ପକ୍ଷଭୁକ୍ତ ନହୋଇ ମାନବ ଜାତିର କଲ୍ୟାଣ ପାଇଁ ଯୁଦ୍ଧ ବନ୍ଦ କରିବା ସହ ସାମ୍ରାଜ୍ୟ ବିସ୍ତାର ଚିନ୍ତା ଧାରାରୁ ବିରତ ରହିବା ପାଇଁ ଉଭୟ ଦେଶଙ୍କୁ କହିଥିଲା ।

ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ବହନ କରୁଥିବା ଭାରତ ନିକଟରେ କରୋନା ମହାମାରୀ ସମୟରେ ନିଜର ଦାୟିତ୍ୱ ସମ୍ପାଦନ ଦ୍ୱାରା ସମଗ୍ର ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପୁନଃ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି। ନିଜର ସାମ୍ରାଜ୍ୟବାଦ ମନୋଭାବ ତଥା ବିଶ୍ୱର ଶ୍ରେଷ୍ଠ ଅର୍ଥନୈତିକ ମହାଶକ୍ତି ରୂପେ ପ୍ରତିଷ୍ଠିତ କରିବାର ହୀନ ମାନସିକତା ଯୋଗୁଁ ଚୀନ ସରକାର କରୋନା ମହାମାରୀ ବ୍ୟାପିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଉହାନ୍ ସହରରୁ ଆରମ୍ଭ ହୋଇଥିବା ଏହି କରାଳ ରାକ୍ଷସ ଏକରକମ ମାନବ ସଭ୍ୟତାକୁ ଉଜାଡି ଦେଇଥିବା ବେଳେ, ଅନେକ ସଶକ୍ତ ଦେଶ ମଧ୍ୟ ଏହି ମହାମାରୀ ରୋକିବାରେ ବିଫଳ ହୋଇଥିଲେ । ମାତ୍ର ଭାରତ ସମସ୍ତ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି କୋଭି ସିଲଡ ଓ କୋ ଭାକସିନ୍ ପ୍ରସ୍ତୁତ କରି ମାଗଣାରେ ଦେଶବାସୀ ତଥା ପଡୋଶୀ ଏବଂ ସୁଦୂର ଲାଟିନ୍ ଆମେରିକୀୟ ଦେଶ ଯାଏ ସାହାଯ୍ୟର ହାତ ବଢାଇଥିଲା । ବ୍ରାଜିଲର ତତ୍କାଳୀନ ରାଷ୍ଟ୍ରପତି ବୋଲସେନାରୋ ଭାରତର ଏହି ଉଦ୍ୟମକୁ ଲକ୍ଷ୍ମଣଙ୍କ ଶକ୍ତି ଭେଦ ସମୟରେ ହନୁମାନ ଯେପରି ସଞ୍ଜିବନୀ ବୁଟି ଆଣିଥିଲେ, ଠିକ୍ ସେହିପରି ଭୀତତ୍ରସ୍ତ ବ୍ରାଜିଲର ଜନସାଧାରଣଙ୍କ ଆରୋଗ୍ୟତା ପାଇଁ ଭାରତର ଏହି ସହାୟତାକୁ ହନୁମାନଙ୍କ କାର୍ଯ୍ୟ ସହ ତୁଳନା କରିଥିଲେ । ଗୋଟେ ପଟେ ଯେଉଁମାନେ କରୋନାରେ ଆକ୍ରାନ୍ତ ହେଉଥିଲେ ତାଙ୍କୁ ଚୀନ ଓ ଉତ୍ତର କୋରିଆ ପରି ଦେଶ ଗୁଳି କରି ହତ୍ୟା କରିବା ସହ ମାନବାଧିକାର ଉଲ୍ଲଂଘନ କରୁଥିବାର ଦୃଶ୍ୟ ସାମନାକୁ ଆସିଥିବା ବେଳେ ଭାରତ ସେଠାରେ 'ମାନବ ସେବା ହିଁ ମାଧବ ସେବା' ର ବାର୍ତ୍ତା ଦେଇଥିଲା। ବିଦେଶରେ ଫସି ରହିଥିବା ଭାରତୀୟ ହୁଅନ୍ତୁ ଅବା ଅନ୍ୟ ଯେକୌଣସି ଦେଶର ନାଗରିକମାନଙ୍କୁ 'ବନ୍ଦେ ଭାରତ' ମିଶନ ଦ୍ୱାରା ଉଦ୍ଧାର କରିବା ସହ ସୁରକ୍ଷିତ ଭାବରେ ସେମାନଙ୍କୁ ପହଞ୍ଚାଇଥିଲେ ।

ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜୀବସତ୍ତା ବିପଦରେ ଥିବା ବେଳେ ପ୍ୟାରିସ ଜଳବାୟୁ ପରିବର୍ତ୍ତନ ଚୁକ୍ତି ନାମାକୁ ଗ୍ରହଣ କରିବା ସହ ନବୀକରଣ ଯୋଗ୍ୟ ଶକ୍ତି ସ୍ୱତନ୍ତ୍ର ଭାବେ ସୌର ଶକ୍ତିସମ୍ପଦର ବିନିଯୋଗ ପାଇଁ ବିଭିନ୍ନ ବିଶ୍ୱ ସମ୍ମିଳନୀରେ ଉପସ୍ଥାପନା କରୁଛି ଭାରତ । ଯାହାକି ବିଶ୍ୱକୁ ଶକ୍ତି ସଙ୍କଟରୁ ରକ୍ଷା କରିବାରେ ସହାୟକ ହେବ । ସେହିପରି ଭାରତର ଉଦ୍ୟମ ଯୋଗୁଁ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥତା ପାଇଁ ଆନ୍ତର୍ଜାତୀୟ ଯୋଗ ଦିବସ ଆୟୋଜନ ପ୍ରସ୍ତାବକୁ ମଧ୍ୟ ସମଗ୍ର ବିଶ୍ୱ ଗ୍ରହଣ କରିଛି ।

ପାକିସ୍ଥାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ସମଗ୍ର ବିଶ୍ୱର ଅନେକ ଧନ ଜୀବନ ନଷ୍ଟ ହେଉଥିବା ବେଳେ ଭାରତ ଅନେକ ସମୟରେ ଏହାର ପ୍ରମାଣ ଜାତିସଂଘ ସମେତ ବିଶ୍ୱର ଅନେକ ସମ୍ମିଳନୀରେ ଦେଇଛି । ଗୁଳି ଗୋଳାରେ ବିଶ୍ୱାସ କରୁଥିବା ପାକିସ୍ଥାନରେ ଗଣତନ୍ତ୍ର ନଥିବାରୁ ଚୀନ ଇଙ୍ଗିତରେ ସବୁକିଛି କାର୍ଯ୍ୟ କରି ଆଜି ଉଭୟ ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ତଳିତଳାନ୍ତ । ଯାହାକୁ ପାକିସ୍ଥାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁ ନିଜ ବକ୍ତବ୍ୟରେ କହିଥିଲେ ଭାରତ ଆଜିବି ସମ୍ବିଧାନ ଓ ଗଣତନ୍ତ୍ରର ମୂଲ୍ୟବୋଧକୁ ବୁଝିଥିବାରୁ ସେମାନେ ଖୁବ୍ ଭଲ ସ୍ଥିତିରେ ରହିଛନ୍ତି କିନ୍ତୁ ପାକିସ୍ଥାନ ଆଜି ହନ୍ତସନ୍ତ ହେଉଛି।

ସାର୍କ୍ ଦେଶ ଗୁଡିକରେ ଅରାଜକତା ତଥା ଆଧିପତ୍ୟ ବିସ୍ତାର କରିବାର ହୀନ ଚକ୍ରାନ୍ତ କରୁଥିବା ଚୀନ, ଶ୍ରୀଲଙ୍କା ଓ ନେପାଳରେ ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରୁଥିବା ବେଳେ ଭାରତର ଅନେକ ସ୍ଥାନକୁ ମାନଚିତ୍ରରୁ ଗାଏବ୍ କରି ଚୀନ ସୀମା ଭିତରେ ପ୍ରଦର୍ଶନ କରୁଥିବାର ଦେଖା ଯାଇଛି । ତେବେ ସାଂସ୍କୃତିକ ସ୍ତରରେ ତ୍ରେତୟା ଯୁଗରୁ ଭାରତ, ଶ୍ରୀଲଙ୍କା ଓ ନେପାଳ ସହ ଥିବା ବନ୍ଧୁତାକୁ ଏହି ଦୁର୍ଦ୍ଦିନରେ ଠିଆ ହୋଇ ଅକ୍ଷୁର୍ଣ୍ଣ ରଖିବା ସହ ସହାୟତାର ହାତ ବଢାଇଛି । ଶ୍ରୀଲଙ୍କା ସରକାର ଯେଉଁପରି ଭାବେ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଦେବାଳିଆ ହେବା ଆରମ୍ଭ କରିଲେ, ସେ ସମୟରେ ଶ୍ରୀଲଙ୍କା ବାସୀ ବିଦ୍ରୋହ କରିବା ସହ ସମଗ୍ର ଦେଶରେ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ସରି ଆସିଥିଲା। ଏହି ସମୟରେ ଭାରତ ଶ୍ରୀଲଙ୍କାକୁ ଖାଦ୍ୟ ସମାଗ୍ରୀ, ଔଷଧ, ପେଟ୍ରୋଲ, ସାର ପରି ଅନେକ କିଛି ଦ୍ରବ୍ୟ ପଠାଇଥିଲା । ନିଜର ମିତ୍ର ଦେଶ ଭାରତର ଏହି ସାହାଯ୍ୟକୁ ଶ୍ରୀଲଙ୍କା ବାସୀ ଭୂରି ଭୂରି ପ୍ରଶଂସା କରିବା ସହିତ ପୂର୍ବତନ କ୍ରିକେଟର ତଥା ସାଂସଦ ସନତ୍ ଜୟ ସୁରିଆ ବିଭିନ୍ନ ଗଣମାଧ୍ୟମରେ ଭାରତକୁ କୃତଜ୍ଞତା ଜ୍ଞାପନ କରିଥିଲେ । ସେହିପରି ନେପାଳରେ ରାଜନୈତିକ ସ୍ଥିରତା ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ଭାରତ । ଆତଙ୍କରାଜ ଓ ମହିଳା ବିରୋଧୀ ତାଲିବାନ ଶାସନରେ ଜର୍ଜରିତ ଆଫଗାନିସ୍ଥାନ ସହ ଚର୍ଚ୍ଚା ପାଇଁ ସିଧା ସଳଖ ଭାରତ ମନା କରିଦେଇଛି । ଯେଉଁପରି ଭାବେ ଭାରତ ଆଫଗାନିସ୍ଥାନରେ ନୂତନ ସଂସଦ ଭବନ ନିର୍ମାଣ କରିବା ସହ ଦେଶବାସୀଙ୍କ ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ପାଇଁ ବାଟ ବାହାର କରିଥିଲା, ଆଜି ତାଲିବାନ ତାହାକୁ ଅକ୍ତିଆର କରି ଅନେକ କିଛି ମାନବାଧିକାର ଉଲ୍ଲଂଘନ କାର୍ଯ୍ୟରେ ଲିପ୍ତ ରହିଥିବାର ଦେଖା ଯାଉଛି । ବେଲୁଚି ସ୍ଥାନ ଓ ପାକ୍ ଅଧିକୃତ କାଶ୍ମୀରରେ ଯେଉଁପରି ଭାବେ ପାକିସ୍ଥାନ ସେନା, ଆଏସ୍ ଆଏସ୍ ସମେତ ଆତଙ୍କବାଦୀ ସଂଗଠନମାନେ ଦିନ ଦ୍ୱିପହରରେ ଅରାଜକତା ସୃଷ୍ଟି କରୁଛନ୍ତି, ତାହାକୁ ଭାରତ ବିଭିନ୍ନ ଅନ୍ତର୍ଜାତୀୟ ବୈଠକରେ ବିଶ୍ୱ ଦରବାରରେ ପ୍ରମାଣ ଦେବା ସହ ଆତଙ୍କବାଦ ଓ ଆତଙ୍କବାଦୀର କୌଣସି ଭୌଗଳିକ ସୀମା କିମ୍ବା ଧର୍ମ ସହ ନ ଯୋଡି ସେମାନଙ୍କୁ କଠୋର ଦଣ୍ଡ ବିଧାନ କରିବା ପାଇଁ ଆହ୍ୱାନ ଦେଉଛି। କହିବାକୁ ଗଲେ ପାକିସ୍ଥାନକୁ ଏକ ଘର କିଆ କରିବା ଓ ମୁଖା ଖୋଲିବାରେରେ ସକ୍ଷମ ହୋଇଛି ଭାରତ ।

ନିକଟରେ ଯେଉଁପରି ଭାବେ କାଶ୍ମୀରଠାରେ ଜି ୨୦ ବୈଠକ ଆୟୋଜିତ କରାଗଲା, ତାହା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇଛି କାଶ୍ମୀରର ସାମ୍ପ୍ରତିକ ସ୍ଥିତି ଓ ନିବେଶକଙ୍କୁ ପୁଞ୍ଜି ନିବେଶ କରିବା ପାଇଁ ।

ଶେଷରେ ଏତିକି କୁହାଯାଇପାରେ ଭାରତ ଆଜିବି 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା'ର ବାର୍ତ୍ତା ଏହି ଜି ୨୦ ମାଧ୍ୟମରେ ସମଗ୍ର ବିଶ୍ୱକୁ ଦେବା ସହ ଶାନ୍ତି ପ୍ରତିଷ୍ଠା ପାଇଁ ନେତୃତ୍ୱ ନେଇ ନିଶ୍ଚିତ ଭାବେ ସଫଳ ହେବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ମୋ:

କଳା କଳଙ୍କର କାରନାମା

ପ୍ରଫୁଲ୍ଲ ବାରିକ

ସବୁ ଝିଅଙ୍କର ବିବାହ ପୂର୍ବରୁ ଥାଏ ଗୋଟେ ସ୍ୱପ୍ନ । ସେ ସ୍ୱପ୍ନ ଭବିଷ୍ୟତ ଜୀବନ ନେଇ । ଘର କରିବାକୁ ଯାଉଥିବା ଜୀବନ ସାଥିଟି କିମିତି ହେବ । ତାର ରୂପଗୁଣ ଚରିତ୍ର ସ୍ୱଭାବ ସୁହାଇବତ ? ଠିକ ହେଲାତ ଜୀବନ ପୁଷ୍ପିତ । ଘର ହେବ ସ୍ୱର୍ଗ । ଆଉ ନହେଲାତ, ପରବର୍ତ୍ତୀ କଥା ଭିନ୍ନ ।

ଅବଶ୍ୟ ଭଲପୁଆ, ଅବା ଲିଭଇନ ମ୍ୟାରେଜ , ଯାହା ଏବେ ଅଣପାରମ୍ପାରିକ ବିବାହ ଭାବେ କାୟା ମେଲେଇ ଚାଲିଛି ସମାଜରେ, ସେ କ୍ଷେତ୍ର ଭିନ୍ନ ।

ସୀମାଯେ ସ୍ୱପ୍ନ ଦେଖି ନଥିଲା, ତା ନୁହେଁ । ତା ସ୍ୱପ୍ନ କିନ୍ତୁ ଥିଲା ଭିନ୍ନ । ନା ଚିନ୍ତା ତାର ରୂପକୁ ନେଇ, ନା ଧନକୁ । ସେ ଚାହିଁଥିଲା ମନଟିଏ, ଯାହା ଏକାନ୍ତ ଲୋଡ଼ା ସୁସ୍ଥ ଜୀବନ ପାଇଁ । କବି ସ୍ୱଭାବ ପ୍ରାଣ ତାର ମରୁରେ ଜଳଟୋପେ ପାଇଁ ଡହଳ ବିକଳ ନହୁଏ ଯିମିତି ।

ନିଜକୁ କବିଟିଏ କହିବାର ଏଯାକେ ସାହାସ ନଆସିଲେବି ଦୀର୍ଘ ପନ୍ଦର ବର୍ଷ ଧରି ସେ କରି ଚାଲିଛି ପରୀକ୍ଷା ନିରୀକ୍ଷା କବିତାରେ । ପତ୍ରପତ୍ରିକାଠୁ ସୋସିଆଲ ମିଡ଼ିଆରେ ବେଶ ଚର୍ଚ୍ଚା ତା କବିତା । ଢେର ପାଠକ ତାର ସାହିତ୍ୟ ଦୁନିଆଁରେ । ଦୈନନ୍ଦିନ କର୍ମସହ ବେଶ ସମୟ ଦିଏ କବିତା ଲେଖାରେ । କବିତା ଲେଖା ମୁହୂର୍ତ୍ତରେ ନଥାଏ ସେ ସାଧାରଣ ଜୀବନରେ । ଥାଏ ଏକ ଭିନ୍ନ ଦୁନିଆଁରେ । ସମ୍ପୂର୍ଣ୍ଣ ଆତ୍ମବିସ୍ମୃତ ହେଇ । ସେଥିରୁ ମିଳୁଥିବା ଆନନ୍ଦ ପାଏନା ଆଉ କୌଣସିଠୁ । ବିବାହ ପରେ ଏ ଧାରା ଅବ୍ୟାହତ ରହିବତ ?

ଏବେ ଧନ୍ୟବାଦ ଦଉଚି ଈଶ୍ୱରଙ୍କୁ ଯେ ମନଟିଏ ଚାହିଁଥିବା ବେଳେ ଈଶ୍ୱର ଅଜାଡି ଦେଇଛନ୍ତି ପଣତରେ ତାର ପ୍ରାଚୁର୍ଯ୍ୟର ଭଣ୍ଡାର । ସମ୍ପୂର୍ଣ୍ଣ ପରିବାରଟି କଳାକାରଙ୍କୁ ନେଇ । ସ୍ୱାମୀ ସାମ୍ବାଦିକ ସହ ଫଟୋଗ୍ରାଫର । ବେଶ ନାଁ ତାଙ୍କର । ଦେବର ଚିତ୍ରକର । ଶିକ୍ଷା ଅବ୍ୟାହତ ଖଲିକୋଟ ଆର୍ଟ କଲେଜରେ । ଉଭୟେ ତା କବିତାର ମୁଗ୍ଧ ପାଠକ ଏବଂ ପ୍ରଶଂସକ । ପ୍ରୋତ୍ସାହନ ଅହରହ ଅଧିକ ଲେଖିବାକୁ । ଆଉ କଣ ଆବଶ୍ୟକ ? ଚାହିଁବାଠୁ ଢେର ଅଧିକ ଦେଇଛନ୍ତି ପ୍ରଭୁ । ଈଶ୍ୱରଙ୍କୁ ଧନ୍ୟବାଦ ଦିଏ ସେଥିପାଇଁ ।

ମଝିରେ ମଝିରେ ଆସନ୍ତି ରାଧାକାନ୍ତ । ଦେବର ଭୂମିକାରେ ସାନଭାଇ । ଯେତେଦିନ ରହନ୍ତି, ବେଶ ଭଲରେ କଟେ ଦିନମାନ । ଆଙ୍କିଥିବା ଚିତ୍ରସବୁ ଦେଖାନ୍ତି ଏବଂ ମତାମତ ଲୋଡ଼ନ୍ତି । ସିଏ ଲେଖିଥିବା କବିତା ମାଗି ପଢ଼ନ୍ତି । ବିମୋହିତ ହେବାସହ ପ୍ରଶଂସା ଓ ପ୍ରୋତ୍ସାହନରେ ପୋତି ପକାନ୍ତି ।

ଆପଣା ସାମ୍ବାଦିକତା ପ୍ରଫେସନ ନେଇ ସ୍ୱାମୀ ତମାମଦିନ ବାହାରେ ରହିଲେବି ତାର ଦୁଃଖ କରିବାର ନଥାଏ । କାହାରି ରୁଚିରେ ହସ୍ତକ୍ଷେପ କରିବା ତା ନିତିବିରୁଦ୍ଧ । ବରଂ ଉତ୍ସାହିତ କରେ ଆହୁରି ଆଗକୁ ଯିବାକୁ । ନାଁ କମେଇବାକୁ ।

ଏଥର ଛୁଟୀରେ ଆସିଛନ୍ତି ରାଧାକାନ୍ତ । ରହିବେ ସପ୍ତାହେ ବୋଲି କହୁଛନ୍ତି । ସୀମା ବହୁତ ଖୁସି । ଜଣେ କଳାକାରଙ୍କ ସାନ୍ନିଧରେ ଆସିପାରୁଥିବାରୁ ନିଜକୁ ଧନ୍ୟ ମଣେ ।

ସମୟ ଦଶଟା ହେବ । ରୋଷେଇଘର ସାମ୍ନା ଡାଇନିଂ ଜାଗାରେ ବସି ସୀମା ଦ୍ୱିପର ପାଇଁ ପରିବା କାଟୁଥାଏ । ସାମ୍ନା ଚେୟାରରେ ବସିଥାଏ ରାଧାକାନ୍ତ । ଚାଲିଥାଏ ଉଭୟଙ୍କ ଭିତରେ ବାର୍ତ୍ତାଳାପ । ରାଧାକାନ୍ତ ହଠାତ ଉଠି ପେପର ହେବକି କ'ଣ ଗୋଟେ ଧରିଆସି ବସିଲା । ଏବଂ ସେଇଠୁ ତା ମୁହଁ ବନ୍ଦ । ସୀମା ଭାବିଲା ପେପର ପଢ଼ାରେ ନିମଗ୍ନ ହେଇଗଲେ ବାବୁ, ଯୋଉଁଥିପାଇଁ କଥା ବାର୍ତ୍ତରେ ପଡିଲା ପୂର୍ଣ୍ଣଚ୍ଛେଦ । ସୀମା କିଛି ନକହି କାଟି ଚାଲିଥାଏ ପରିବା ଯୋଡ଼େ ତିନିଟା ଆଇଟମ ପାଇଁ ଦ୍ୱିପହରେ ।

ଦଶ ପନ୍ଦର ମିନିଟ ଯାଇଛି, ରାଧାକାନ୍ତ ସଦ୍ୟଅଙ୍କା ଛବିଟିଏ ଆଣି ବଢ଼େଇ ଭାଉଜଙ୍କ ହାତକୁ କହିଲା, ନିଅ ଦେଖ । କିମିତି ହେଇଚି କୁହ ?

ସୀମା ଚିତ୍ରଟି ଦେଖିବା ପୂର୍ବରୁ ପଚାରିଲା, କେବେକାର ଅଙ୍କା ଇଏ ?

--- ଏଇ ସାଙ୍ଗେସାଙ୍ଗେ । ରହି ପାରିଲିନି ନଆଙ୍କି ।

ସୀମା ଚିତ୍ରଟି ଦେଖିଲା । ଦେଖି ଯେତିକି ବିମୋହିତ ହେଲା, ସଂକୋଚ ଏବଂ ଭୟରେ ଅଧିକ ସଂକୋଚିତ ହେଲା । ପରିବା କାଟୁଥିବା ତାର ଜୀବନ୍ତ ଚିତ୍ର । ସମ୍ପୂର୍ଣ୍ଣ ଜୀବନ୍ତ ଯିମିତି ଉତ୍ତୋଳିତ କ୍ୟାମେରାରେ । ପରିବା କଟାରେ ସହଜ ହେବାକୁ ଉଠେଇ ଦେଇଥିଲା ଶାଢ଼ୀକୁ କାନ୍ଧକୁ । ରାଧାକାନ୍ତ ବସିଥିବା ସ୍ଥାନକୁ ଏମିତି ଦୃଶ୍ୟମାନ ବୋଲି ସେ ଧ୍ୟାନ ଦେଇନି । ବ୍ଲାଉଜ ଥିବା ସତ୍ତ୍ୱେ ଛାତିର ଭୂଗୋଳ ସ୍ପଷ୍ଟ ପ୍ରକାଶିତ ପଦାକୁ । ମଥାରୁ ସାମ୍ପୋକରା ଚୁଟି ଉଲୁରି ଆସିଛି ମୁହଁ ଉପରକୁ । ମଥାରୁ ଲୁଗା ଖସି ନଇଁ ଆସିଛି ପିଠିପଟେ ଗ୍ରୀବା ତଳକୁ । ଅର୍ଦ୍ଧ ଉନ୍ମୁକ୍ତ ପିଠି ସହ ଶରୀରର ଚିତ୍ର ଲାଗୁଚି ଏକ ଆକର୍ଷଣୀୟ ନିଉଡ଼, ଯାହାକୁ କେବେବି ସିଏ ପସନ୍ଦ କରେନି । ଏଙ୍କ ଭାଇ ଦେଖିଲେ ଭାବିବେ କଣ ? ଭାବନାରେ କଳଙ୍କ ଲାଗିବନିତ ଉଭୟଙ୍କ ପ୍ରତି ? ଭାବିବେନିତ ଦିଅର ଭାଉଜ ସମ୍ପର୍କ ଉପରକୁ ସ୍ନେହ ପ୍ରେମ ଓ ଶ୍ରଦ୍ଧାର ଫଲ୍ଗୁ ଝରୁଥିବା ବେଳେ ଭାବନାରେ ବିଷ । ଯଦି ଭାବନ୍ତି,କଣ ହେବ ଅବସ୍ଥା ? କାଇଁକି ସେ ଧ୍ୟାନ ଦେଲାନି ଆପଣା ଉପରେ ? ଯଦିବା ଆଙ୍କିଲେ, କହି ପାରିଥାନ୍ତେ ସଂଯତରେ ବସିବାକୁ । ଇଏ କଣ କଲେ ? ଚିତ୍ରକୁ ଦେଖି ସିଏ ପ୍ରଶଂସା କରିବ, ନା ବିରକ୍ତି ହେବ, ଭାବି ପାରୁନି ଏବେ ।

ଦୀର୍ଘ ସମୟ ଚିତ୍ର ଉପରେ ନିମଗ୍ନ ଦେଖି ଦେବର ପଚାରିଲେ, କୁହ ଭାଉଜ, କିମିତି ହେଇଚି ? ନାବୁରାଲ, ନା ନାଇଁ ?

--- ହେଇଚିଯେ....

ସୀମା ଛେପ ଢ଼ୋକିଲା । ଆଉ ଆଗେଇ ପାରିଲାନି । ଆଗେଇବାକୁ ସାହାସ ହେଲାନି ।

--- ଯେ ପୁଣି କଣ ? କୋଉଠି ରହିଲା ଅସୁବିଧା ? କୁହନା... ?

--- ଦେଖ ରାଧା, ତମ ଭାଇ ଦେଖିଲେ ଏକୁ ସହଜରେ ଗ୍ରହଣ କରିବେତ ? ମୋର ସନ୍ଦେହ । ନ କରିଲେତ ଅବସ୍ଥା ଜାଣି ପାରୁଥିବ । ତମେ ଛୋଟ ପିଲା ନୁହଁ । ସବିଶେଷ କହିବା ବୋଧେ ଆବଶ୍ୟକ ନାଇଁ ।

---- ଆପଣ ଇଏ କଣ କହୁଛନ୍ତି ? କାଇଁ, ମୋତେତ ସିମିତି କିଛି ଲାଗୁନି,ଯୋଉଥିରେ କ୍ଷୁବ୍ଧ ହେବେ ଭାଇ ? ଆପଣ ଖାଲିଟାରେ ବ୍ୟସ୍ତ ହଉଛନ୍ତି । କୁହ, ଚିତ୍ରଟି କିମିତି ହେଇଚି ?

ଅବେଳରେ ପହଁଚିଛି ସୀତାକାନ୍ତ । ସୀମା ହାତରୁ ଫଟୋଟି ଝାମ୍ପିନେଇ ଦେଖୁଥିବା ବେଳେ ରାଧାକାନ୍ତ ଓଠରେ ସ୍ମିତହାସ୍ୟ । ସୀମା କିନ୍ତୁ ଝାଉଁଳି ପଡିଥାଏ ଲାଜକୁଳି ଲତାଟି ପରି । ଚନ୍ଦ୍ର ଉଦିଆ ମୁହଁଟି ଶୁଖି କଳାକାଠ । ଅପେକ୍ଷା ସ୍ୱାମୀଙ୍କ ପ୍ରତିକ୍ରିୟାକୁ ।

--- କି ସୁନ୍ଦର ହେଇଚି ! ସମ୍ପୂର୍ଣ୍ଣ ଜୀବନ୍ତ । ଯାହା କୁହ ସୀମା, ରାଧାର ଚିତ୍ରରେ ଫୁଟି ଉଠେ ଜୀବନ । ଯିମିତି ଫଟୋଗ୍ରାଫି । ମୋ ଫଟୋବି ଏତେଟା ଜୀବନ୍ତ ଲାଗେନା । ନା କଣ ତମର ଅନୁଭବ ?

ସ୍ୱାମୀଙ୍କ ପ୍ରଶଂସାରେ ଦ୍ରବିଭୂତ ନହେଇ ସୀମା ତରିତରି କହିଲା, ସତରେ ତମକୁ ଭଲ ଲାଗିଛି ?

ତମେ ସତ କହୁଛ ?

---- ମୁଁ ସବୁ ଶୁଣି ସାରିଛି ସୀମା,ଆଉ ଅନୁଭବି ସାରିଛି ତମ ମାନସିକତାକୁ । ତମେ ଭୁଲି ଯାଉଛ ଏ ପରିବାରର ସମସ୍ତେ ଜଣେ ଜଣେ କଳାକାର । ତମେ ନିଜେବିତ ଜଣେ କ୍ୱୀ । କଳାକାରଙ୍କ ମାନସିକତାକୁ କଣ ବୁଝେଇବାକୁ ହବ ତମକୁ ? ତମ କବିତାର କଥା ଆଉ ଚିତ୍ରକଳ୍ପର କ'ଣ ସମ୍ପର୍କ ତମସହ ? ସେ କେବଳ ଭାବନା ଓ କଳ୍ପନା ମାତ୍ର । ପ୍ରକାଶ କରାଯାଏ ନିଖୁଣ ଭାବେ ଯେତେଟା ସମ୍ଭବ ଜୀବନ୍ତ କରିବାକୁ ସୃଷ୍ଟିକୁ । ମୋର ଓ ରାଧାରବି ସମପଥ । ଆମେ ଯତପରୋନାସ୍ତି ଚେଷ୍ଟିତ ଆପଣା କୃତିକୁ ଜୀବନ୍ତ କରିବାରେ । ଆଖିକୁ ଆସୁଥିବା, ମନକୁ ଛୁଁ'ଥିବା ଦୃଶ୍ୟଟିକୁ ଛାଡି ପାରେନା ଚିତ୍ରକର । ପରିବେଶ ନିର୍ବିଚାରରେ ତୋଳିନିଏ କାନଭାସ ଉପରକୁ । ରାଧା ତାହାହିଁ କରିଛି । କଳାକାରର ମନ ଫୁଲପରି ପବିତ୍ର । ଚନ୍ଦ୍ରପରି ଶୀତଳ । ନହେଲେ ସମ୍ଭବ ନୁହେଁ ସୃଷ୍ଟି । ଏକଥା ତମେ ଅବୁଝା ନଥିବ ବୋଲି ଆଶା । ଅତଏବ, ମନରୁ ଦ୍ୱିଧା ଦୁରକରି ଗ୍ରହଣକର ସତ୍ୟକୁ । ଯେବେ ଆମେ ଦୁଇଭାଇ ଉନ୍ମୁକ୍ତ, ତମେ କାଇଁକି ଭୟାତୁର, ସଂକୁଚିତ ? କୁହ, ରାଧାର ଚିତ୍ରଟି ତମ ମନକୁ ପାଇଛି,କି ନା ? ମୋତେତ ଖୁବ ଭଲ ଲାଗୁଚି । ତମେ ବରଂ ଅଧିକ ଭଲ ଲାଗୁଚ ଚିତ୍ରରେ ।

ସୀମା ଆଁ'ଟା କରି ଅନେଇଛି ସ୍ୱାମୀଙ୍କୁ । ତାର ସଂକୋଚନ ଏକ ପ୍ରକାରେ ଅସମ୍ମାନ ଥିଲା କଳାପ୍ରତି । ଥିଲା ବରଂ ହତାଦାର । ଅବଶ୍ୟ ଦାୟୀ ଏଥିପାଇଁ ସ୍ଥିତି । ତାର ଅବଧାରଣା ଦୂର ହେଇଚି । ସାରା ଆକାଶ ବୁଣି ହେଇ ପଡିଛି ଜୋଛନା ଏବେ । ସେଇ ଜୋଛନାରେ ଆଲୋକିତ ସିଏ ଗୋଟାପାଣି । ଆଲୋକିତ ପରିବେଶ ଘରୁ ବାହାର ସବୁଠି । ଏବେ ଜାଣୁଛି କଳାଠୁ ନେଇ କଳାକାରର ପରିଚୟ । ଏକ ଆବିଳତାହୀନ ଚରିତ୍ର ଅପରିହାର୍ଯ୍ୟ ସଫଳ ସୃଷ୍ଟି ପାଇଁ । ଫଟୋଟିକୁ ଛାତିରେ ଜାକି ରାଧାଙ୍କ ଆଡ଼େ ଅନେଇ ସୀମା କହିଲା, ପ୍ରଶଂସା କରିବାକୁ ମୋ ମୁହଁରେ ଶବ୍ଦ ନାଇଁ । ଈଶ୍ୱରଙ୍କ ପାଖରେ ପ୍ରାର୍ଥନା ମୋର,ତମର ପ୍ରତିଟି ଚିତ୍ର କାଳଜୟୀ ହେଉ । ସ୍ୱାମୀଙ୍କ ଆଡ଼େ ଅନେଇ ସୀମା କହିଲା, ସବୁ ଜାଣିଥିଲେବି ମୁଁ ଜଣେ ନାରୀ । ନାରୀ ସର୍ବଦା ପରାଧୀନ ମାନସିକତାରେ । ଭୟ ସଂକୋଚରେ ଆବଦ୍ଧ ତାର ମନ ମସ୍ତିଷ୍କ । ମୁଁ 'ବା ସେଥିରୁ ବାଦ ଯାଆନ୍ତି କିମିତି ? ମୁଁ ଖୁସିଯେ ପ୍ରକୃତ କଳାକାର ଚିହ୍ନେ କଳାକୁ ଏବଂ ତାର ସ୍ରଷ୍ଟାକୁ । ଏକଥା ମୁଁ ସନ୍ଧାନ ପାଇଛି ତମଠି । ସଚ୍ଚା କଳାକାର ହିସାବରେ ତମେ ଦୁଇଭାଇ ଲାଜବାବ । ଉଭୟେ ମୋତେ କ୍ଷମା କରିଦେବ । ମୋ ଭିତର ସଂକୀର୍ଣ୍ଣତାକୁ ଦୂର କରିଥିବାରୁ ମୁଁ ଋଣୀ ତମ ଭ୍ରାତୃଦ୍ୱୟ ଙ୍କ ପାଖରେ । କେତେ ଭାଗ୍ୟବତୀ ମୁଁ, ଭାବୁଛି ଏବେ । ସୀମା ଫାଟି ପଡୁଥିଲା ଖୁସିରେ । ପ୍ରଗଲ୍ଭ ପ୍ରାୟ ଆହୁରି ବହୁତ କିଛି କହିବାକୁ ଚାହୁଁଥିବା ବେଳେ ରାଧା କହିଲା, ଭାଉଜ, ଆଜି ରନ୍ଧା ବଢ଼ା ହବ, ନା କଳା ଚର୍ଚ୍ଚାରେ ଭରିବା ପେଟ ? ସୀମା ଫେରିଆସି ଆପଣା ସ୍ଥିତିକୁ ତରବରରେ ପରିବା ଧରି ମୁହେଁଇଲା ରୋଷେଇ ଘରକୁ । ପଛରୁ ହସୁ ଥାଆନ୍ତି ଦୁଇ ଭାଇ ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫.

ଯୋଗ୍ୟ ସନ୍ତାନ

କିରଣ ମିଶ୍ର

ଚାରି ଦିନ ତଳେ ସକାଳୁ ସକାଳୁ ପୁଅ ଆସି କହିଲା ,

- ମାମା ଜାଣିଛୁ ! ସେ ଜୟଗୁରୁ ଅଙ୍କଲ ମାସେ ତଳେ ମରିଗଲେ ।

ମୁଁ ହଠାତ୍ ବୁଝି ପାରିଲିନି, ପଚାରିଲି

-କାହା କଥା କହୁଛୁ କହିଲୁ ? କୋଉ ଜୟଗୁରୁ ଅଙ୍କଲ ?

-ସେଇମ ଆମେ ବାବୁ ଭାଇ ଘରେ ଥିଲା ବେଳେ ଯୋଉ ଆମ ଘର ପାଖରେ ଥିଲେ, ଦାଢ଼ି ରଖି ଥିଲେ, ତାଙ୍କ ପୁଅ ମୁନା ଭାଇ ଓ ମନୋଜ ଭାଇ ।

ତା'ପରେ ମୋର ମନେ ପଡ଼ିଗଲା । ପନ୍ଦର ସତର ବର୍ଷ ତଳେ ଆମ ଲାଇନ୍ ସାହୁ ବାବୁ ବୋଲି ଜଣେ ଲୋକ ଥିଲେ । ତାଙ୍କର ମନୋଜ ଓ ମୁନା ଦୁଇଟି ପୁଅ । ସାହୁବାବୁ କ'ଣ ଛୋଟ କାଟର ବ୍ୟବସାୟ କରନ୍ତି । ଖୁବ୍ ମାର୍ଜିତ । ଜୟଗୁରୁଙ୍କ ଦିକ୍ଷା ନେଇଥିବାରୁ ସମସ୍ତେ ଜୟଗୁରୁ ପରିବାର ବୋଲି ତାଙ୍କୁ କୁହନ୍ତି । ସବୁବେଳେ ଧଳା ଲୁଗା ଓ ଫତେଇ ଖଣ୍ଡେ ପିନ୍ଧନ୍ତି । ମତେ ଓ ମୋ ସ୍ୱାମୀଙ୍କୁ ବେଶ୍ ସମ୍ମାନ ଦାଅନ୍ତି । ମତେ ଦିଦି ସମ୍ବୋଧନ କରନ୍ତି ।

ଆମେ ତାଙ୍କ ପରିବାର ଆମ ଘର ପାଖରେ ଥିଲା ବେଳେ ତାଙ୍କ ପିଲାମାନେ ମଧ ଅଳ୍ପ ବୟସର ଥିଲେ । ମୋ ପୁଅ ଛୋଟ ଥିଲାବେଳେ ସେମାନେ ବହୁତ ଧରି ବୁଲେଇଛନ୍ତି ।

ଦୁଃଖର ବିଷୟ ପୁଅ ଦୁଇଟି ବିଶେଷ ପାଠ ପଢିଲେନି । କିନ୍ତୁ ସେ ଏଥିପାଇଁ କେବେ ମନଦୁଃଖ କରିବା ମୁଁ ଦେଖିନି । କିଛି ଦିନ ପରେ ମୁଁ ଶୁଣିଲି ପିଲା ଦୁଇଟି ତା ଦାଦା ପାଖରେ ? ବସି ଚାବି ତିଆରି କାମ ଶିଖୁଛନ୍ତି । ଦୁଇ ଭାଇ ଏକ ନମ୍ବର ହାଟରେ ଗୋଟିଏ ତାଲା ଚାବି ଦୋକାନ ଦେଇଥିଲେ । ସେଥିରୁ ସେମାନେ କେତେ ରୋଜଗାର କରୁଥିଲେ କେଜାଣି ମୁଁ ଜାଣିନି । କିନ୍ତୁ ପୁଅମାନେ ରୋଜଗାର



କରିବା ପରେ ବାପା ଆଉ ରୋଜଗାର କରିବାକୁ ମନ ବଳାଇ ନଥିଲେ ।

ସମସ୍ତେ ସାହୁବାବୁଙ୍କୁ ପଛରେ ସମାଲୋଚନା କରିବା ମୁଁ ଶୁଣିଛି । ବାପ ହୋଇ ପିଲାଙ୍କୁ ଅଳ୍ପ ବୟଷରୁ ଖଟାଇ ନିଜେ ଆରାମରେ ରହୁଛନ୍ତି । କେହି କେହି ସ୍ୱାର୍ଥପର ମଧ କହୁଥାନ୍ତି । କିନ୍ତୁ ପରିବାରଟି ଖୁବ୍ ସୁନ୍ଦର ଭାବେ ଚଳୁଥାଏ । ମତେ ଆଶଙ୍କା ଲାଗେ,'ସୁନ୍ଦର ପରିବାରଟିର ଆଉ ବିଘଟନ ଘଟିଯିବନି ତ ! ! ଭଗବାନଙ୍କୁ ଡାକେ ତାଙ୍କ ପରିବାର ଉପରେ କାହାର ଯେମିତି ଖରାପ ନଜର ନପଡୁ ।

କିଛି ଦିନ ପରେ ସେମାନେ ଆମ ଘର ପାଖ ଛାଡି , ସେଇ କଲୋନୀର ଅନ୍ୟ ଏକ ଘରକୁ ଚାଲିଗଲେ । ଦିନେ ସନ୍ଧ୍ୟାବେଳେ ତାଙ୍କ ସ୍ତ୍ରୀ ଆମ ଘରେ ହାଜର ହୋଇ କହିଲେ,

-ଦିଦି ! ! ମନୋଜର ବାହାଘର ଠିକ୍ କରିଦେଲି । ତୁମେ କ'ଣ ଆମ ଗରିବ ଘରକୁ ଯିବ । ତୁମେ ଗଲେ ସାହୁବାବୁ ବହୁତ ଖୁସି ହୁଅନ୍ତେ ।

ମୁଁ କହିଲି,

-ନିଶ୍ଚୟ ଯିବି । ମୁଁ ଛୋଟବେଳୁ ସେମାନଙ୍କୁ ଦେଖିଛି । ତାଙ୍କ ବାହାଘର ହବ ଆଉ ମୁଁ ଯିବିନି ! !

ଯଦିଓ କୌଣସି କାରଣରୁ ବାହାଘରକୁ ଯାଇ ପାରି ନଥିଲି, ପରେ ବୋହୂ ଦେଖିବାକୁ ଯାଇଥିଲି । ମନୋଜ ବାହାଘରର ଚାରିବର୍ଷ ପରେ ତା'ର ଭାଇର ମଧ ବାହାଘର କଲେ । କିନ୍ତୁ ଦୁଃଖର ବିଷୟ ମନୋଜର କୌଣସି ଛୁଆପିଲା ହୋଇ ନଥିଲେ । ବଡ଼ ବୋହୂଟି ଶାଶୁ ଶ୍ୱଶୁର ଦିଅରକୁ ନେଇ ସୁନ୍ଦର ଭାବେ ଚଳୁଥାଏ । ସାନ ବୋହୂ ଆସିବାର ବର୍ଷକ ପରେ ତା'ର ଗୋଟିଏ ପୁଅ ହେଲା ।

ମଝିରେ ସାହୁ ବାବୁଙ୍କ ସ୍ତ୍ରୀ ସହିତ ବାଟରେ ଦେଖା ହୋଇଥିଲା ।

ମୁଁ କୌତୂହଳ ବଶତଃ ପଚାରି ଦେଲି,

-କ'ଣ ପରିବାର ଠିକ୍ ସେ ଚାଲିଛି ତ ?

--ହଁ ଦିଦି ସବୁ ଭଲ ଯେ ସାହୁ ବାବୁଙ୍କ ମନ ଦୁଃଖ ମନୋଜ ପାଇଁ । ତା'ର ବକଟେ ଛୁଆ ହୋଇଗଲେ ଆମ ମନ ଖୁସୀ ହୋଇଯାନ୍ତା ।

ମୁଁ କହିଲି,

- ନିଶ୍ଚୟ ହେବ, ଆପଣଙ୍କ ପରିବାରକୁ ଭଗବାନ ନିରାଶା କରିବେନି ।

ମଝିରେ ବହୁତ ଦିନ ହେବ ସେମାନଙ୍କ ପରିବାରର କାହାକୁ ଦେଖି ନଥାଏ । ଦିନେ ଅଟୋରେ ମାର୍କେଟରୁ ଫେରୁଥାଏ । ପାଖରେ ଗୋଟିଏ ଲୋକ ଆସି ବସିଲା । ମୁଁ ଦେଖିଲା ବେଳକୁ ସେ ସାହୁ ବାବୁଙ୍କ ବଡ଼ ପୁଅ ମନୋଜ । ପଚାରିଲି,

-ବାପା ମା ଭଲ ଅଛନ୍ତି ।

-ମାଉସୀ ଜାଣିଛନ୍ତି ବାପା ଟିକେ ଦୁଃଖି ଥିଲେ । ମୋ ପୁଅ ହେବା ପରେ ସେ ବହୁତ ଖୁସି ଅଛନ୍ତି ।

ମୁଁ ବି ତା କଥା ଶୁଣି ଖୁସି ହୋଇଗଲି । ପଚାରିଲି

- ତୁମର ପୁଅ ହେଲା ବହୁତ ଖୁସିର କଥା । କେତେ ବର୍ଷ ପରେ ଛୁଆ ହେଲା ।

-ପ୍ରାୟ ନଅ ବର୍ଷ ପରେ ।

-ବୁଝିଲ ମନୋଜ ଠାକୁର ତୁମ ଡାକ କେତେ ଶୁଣିଛନ୍ତି ଜାଣିନି, ମୁଁ ଜାଣିଥିଲି ସାହୁ ବାବୁଙ୍କ ପ୍ରତି ସେ କେବେ ଅନ୍ୟାୟ କରିବେନି ।

ହଠାତ୍ ସାହୁ ବାବୁଙ୍କ ମୃତ୍ୟୁ ଖବର ଶୁଣି ମୁଁ ବହୁତ ଦୁଃଖୀ ହେଲି । କାରଣ ବୟସ ମଧ ସେମିତି ହୋଇ ନଥିଲା । ଯଦିଓ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ନଥିଲେ ତଥାପି ଜଣେ ଭଲ ଲୋକ ଥିଲେ ।

ତା'ପର ଦିନ ତାଙ୍କ ଘରକୁ ଗଲି । ତାଙ୍କ ସ୍ତ୍ରୀ ମତେ ଦେଖି ଟିକେ କାନ୍ଦିଲେ । ଦୁଃଖ ଭିତରେ ବି ସାନ ବୋହୂକୁ କହିଲେ,

-ଦିଦି ପାଇଁ ଟିକେ ଚା' ଟିକେ ଆଣ ।

ମୁଁ ମନା କରିବା ସତ୍ତ୍ୱେ ବି ବୋହୂଟିଏ ଚା' କରିବାକୁ ଚାଲିଗଲା ।

ମୁଁ ପଚାରିଲି ,'ସାହୁ ବାବୁଙ୍କର କ'ଣ ହୋଇଥିଲା ? ହଠାତ୍ କେମିତି ଚାଲିଗଲେ ।'

-ନାଇଁ ଦିଦି ତାଙ୍କର ଶ୍ୱାସ ବେମାର ଥିଲା । ଚାରି ମାସ ତଳେ ତାଙ୍କର ଶ୍ୱାସ ବେମାର ବାହାରିଲା ଯେ, ଆଉ ଭଲ ହେଲାନି ।

ପୁଅ ମାନେ ଅନେକ ପଇସା ପାଣି ପରି ଖର୍ଚ୍ଚ କଲେ । ଦୁନିଆଁ ଡାକ୍ତର କବିରାଜ ଦେଖେଇଲେ, ସେବା ବି ବହୁତ କରିଛନ୍ତି । ଯାହା କଲେ ବେମାର ଭଲ ହେଲାନି , ଶେଷରେ ତାଙ୍କୁ ନେଇଗଲା । ଦିଦି ମନୋଜ ମୁନା ବହୁତ କରିଛନ୍ତି ।

କିଛି ସମୟ ବସି ତାଙ୍କୁ ଆଶ୍ୱାସନା ଦେଇ ଆସିଲି । ତା ଭିତରେ ଦେଖିଲି ବୋହୂ ଦୁଇଟି ବି ସୁନ୍ଦର ଭାବରେ ଚଳୁଥିଲେ ।

ଫେରିବା ବାଟରେ ଭାବୁଥିଲି ପିଲାମାନେ ଶିକ୍ଷିତ ହୋଇ ପାରିଲେନି ସତ କଥା , ସଂସ୍କାରିତ ତ ହୋଇ ପାରିଛନ୍ତି । ସ୍ୱଳ୍ପ ପଇସା ଭିତରେ ବାପା ମା'ଙ୍କୁ ସ୍ୱର୍ଗୀୟ ସୁଖ ତ ଦେଇ ପାରିଛନ୍ତି । ଆଜି କାଲିର ଶିକ୍ଷିତ ରୋଜଗାରିଆ ପୁଅ ତ ବାପା ମାଙ୍କୁ କୁଣିଆ ବୋଲି ମଣୁଛନ୍ତି ।

ଜେଜେ ବାପା ଓ ଜେଜେ ମା ଯେ ପରିବାରର ଲୋକ ନାତି ନାତୁଣୀ ଭାବୁ ନାହାନ୍ତି । ସଂସ୍କାରର ଅଭାବ ରହୁଛି, କି ବଡ଼ ହେଲ ପରେ ପିଲା ମାନେ ଆଜିର ବସ୍ତୁବାଦି ଦୁନିଆଁରେ ସ୍ୱାର୍ଥପର ହୋଇ ଯାଉଛନ୍ତି ।

ଅନେକ ବଡ଼ ବଡ଼ ଘରର ପୁଅ ବୋହୂଙ୍କୁ ଦେଖିବାକୁ ମିଳେ ଯେଉଁ ମାନେ ବାପା ମା'ଙ୍କ ଦାୟିତ୍ୱ ନେବାକୁ ନାରାଜ । ଶେଷ ସମୟ ବେଶ୍ ଅବହେଳିତ ଅବସ୍ଥାରେ କଟୁଛି । ସେ ଦୃଷ୍ଟିରୁ ସାହୁ ବାବୁ ବେଶ୍ ଭାଗ୍ୟବାନ । ପ୍ରକୃତ ରେ ସେ ଦୁଇଟି ଯୋଗ୍ୟ ସନ୍ତାନର ଜନକ ହିଁ ଥିଲେ ।

+କଳିଙ୍ଗ ବିହାର, କେ-୮୯୨
ଭୁବନେଶ୍ୱର
ମୋ: ୭୯୭୮୯୪୫୩୧୮

ଦଲାଲ୍‌ଙ୍କ କବଜାରେ କନ୍ଧମାଳ ଆଦିବାସୀଙ୍କ ଜୀବିକା

ପ୍ରକ୍ରିୟାକରଣ ୟୁନିଟ୍ ନଥିବାରୁ ଶାଗମାଛ ଦରରେ ଶାଳମଞ୍ଜି କିଣୁଛନ୍ତି ଦଲାଲ

ଫୁଲବାଣୀ, ୨୮/୦୫ (ନି.ପ୍ର): କନ୍ଧମାଳର ଆଦିବାସୀଙ୍କ ପାଇଁ ଜୀବନଜୀବିକାର ଆଉ ଏକ ପ୍ରମୁଖ ମାଧ୍ୟମ ହେଉଛି ଶାଳମଞ୍ଜି । କନ୍ଧମାଳରୁ ବାର୍ଷିକ ହଜାର ହଜାର ଟନ୍ ଶାଳମଞ୍ଜି ସଂଗୃହୀତ ହୋଇଥାଏ । ମାତ୍ର, ପଡ଼ୋଶୀ କଳାହାଣ୍ଡି, ଗଞ୍ଜାମ, ରାୟଗଡ଼ା ଜିଲ୍ଲାର ବେପାରୀ ଆଦିବାସୀଙ୍କ ଠାରୁ ଖୁବ୍ କମ୍ ଦରରେ ଏହାକୁ କିଣି ନେଇଥା'ନ୍ତି । କନ୍ଧମାଳରେ ଏକ ଶାଳମଞ୍ଜି ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ ବହୁ ଦିନରୁ ଦାବି ରହିଛି । ଏଥିପାଇଁ ପ୍ରଶାସନ ଓ ସରକାର ଦୃଷ୍ଟି ଦେବାକୁ ଆଦିବାସୀ ବହୁବାର ଦାବି କରିଛନ୍ତି । କିନ୍ତୁ ଏଯାଏଁ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ହୋଇପାରିନଥିବାରୁ କନ୍ଧମାଳ ଆଦିବାସୀଙ୍କ ଜୀବିକା ଏବେ ଦଲାଲଙ୍କ କବଜାରେ ପଡିଯାଇଛି । ଶାଗମାଛ ଦରରେ ଶାଳମଞ୍ଜି କିଣି ମାଲାମାଲ ହେଉଥିବାବେଳେ ଆଦିବାସୀମାନେ ଅଭାବୀ ବିକ୍ରିର ଶିକାର ହୋଇପଡିଛନ୍ତି । ଶାଳମଞ୍ଜିର ଏକ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ହୋଇପାରିଲେ ଏଠାକାର ଆଦିବାସୀମାନେ ବାହାରର ଦଲାଲ୍‌ଙ୍କ ଶୋଷଣରୁ ମୁକ୍ତି ପାଇବା ସହ ଉଚିତ୍ ମୂଲ୍ୟ ପାଇ ପାରନ୍ତେ ବୋଲି କୁହାଯାଇଛି । ସାଧାରଣତଃ ମେ ମାସ ବେଳକୁ ଆଦିବାସୀମାନେ ଜଙ୍ଗଲରୁ ଶାଳଫୁଲ ସଂଗ୍ରହ କରି ସେଥିରୁ ମଞ୍ଜି ଆଦାୟ କରିଥା'ନ୍ତି । କିନ୍ତୁ ପରିଶ୍ରମ ତୁଳନାରେ ଆଦିବାସୀଙ୍କୁ ଉଚିତ୍ ମୂଲ୍ୟ ମିଳୁନି । ବେପାରୀ କିନ୍ତୁ ମାଲାମାଲ୍ ହେଉଛନ୍ତି । ଦୀର୍ଘ ମାସେ କାଳ ଆଦିବାସୀ ମହିଳା ଓ ପୁରୁଷ ଶାଳଫୁଲ ସଂଗ୍ରହ କରି ତାକୁ ଖରାରେ ଶୁଖାଇ ମଞ୍ଜି ଅମଳ କରିଥା'ନ୍ତି । ଶାଳଗଛରୁ ପ୍ରଚୁର ପରିମାଣରେ ଶାଳଫୁଲ ଭୂଇଁରେ ଝଡ଼ି ପଡ଼ିଥାଏ ଏବଂ ଆଦିବାସୀ ମାନେ ଝାଡୁକରି ଏହାକୁ ସଂଗ୍ରହ କରିଥାନ୍ତି । ଶାଳଫୁଲରେ ନିଆଁ ଲଗାଇ ପୋଡ଼ିଦେବା ପରେ ସେଥିରୁ ମଞ୍ଜି ଅଲଗା ହୋଇ ବାହାରିଥାଏ । ବେଲଘର ପଞ୍ଚାୟତ ଦେଓଗଡ଼ା ଗାଁର ବିପିନା ମାଝିଙ୍କ କହିବା ଅନୁସାରେ, ଗୋଟିଏ ଋତୁରେ ସେ ପାଖାପାଖି ୨ କ୍ୱିଣ୍ଟାଲ୍ ଶାଳମଞ୍ଜି ସଂଗ୍ରହ କରିଥା'ନ୍ତି । ଏହି କାମରେ ପରିବାରର ସମସ୍ତ ସଦସ୍ୟ ଲାଗିଥା'ନ୍ତି । କିନ୍ତୁ ସମସ୍ୟା ହୋଇଥାଏ ଏହାର ଉପଯୁକ୍ତ ବଜାର ନାହିଁ । ପଡ଼ୋଶୀ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ଦଲାଲ୍ ଗାଁ ଗାଁରେ ବୁଲି ଶାଗମାଛ ଦରରେ ଶାଳମଞ୍ଜି କିଣି ନେଇଥା'ନ୍ତି । ଆଦିବାସୀଙ୍କୁ ଶାଳମଞ୍ଜିର ଉଚିତ୍ ମୂଲ୍ୟ ମିଳେନା ବୋଲି କହନ୍ତି ବିପିନା ମାଝି । ତାଙ୍କ କହିବା ଅନୁସାରେ, ବେପାରୀ ତାଙ୍କଠାରୁ କିଲୋ ପ୍ରତି ୧୦ ଟଙ୍କାରେ କିଣି ନେଉଛନ୍ତି । ଆଉ କେହି ବେପାରୀ ବସ୍ତା ଜରିଆରେ କିଣି ନେଇଥା'ନ୍ତି । ଗଞ୍ଜାମ ଜିଲ୍ଲାର କେତେକ ବେପାରୀ ଟିଣ ପ୍ରତି ୨୦ ଟଙ୍କା ଦରରେ କିଣି ନେଉଥିବା ଜଣାପଡ଼ିଛି । ମାତ୍ର, ଶାଳମଞ୍ଜି କିଣିବାକୁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନଥିବାରୁ ବାହାରର ଦଲାଲ୍ ଏହାର ଫାଇଦା ଉଠାଉଛନ୍ତି । ଶାଳମଞ୍ଜି, ଶାଳପତ୍ର କନ୍ଧମାଳ ଜିଲ୍ଲା ଆଦିବାସୀଙ୍କ ଜୀବନଜୀବିକାର ପ୍ରମୁଖ ମାଧ୍ୟମ ଥିଲାବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି । ଅପରପକ୍ଷେ, ଶାଳମଞ୍ଜିରୁ ବନସ୍ପତି ଘିଅ, ସାବୁନ୍, ପ୍ରସାଧନ ସାମଗ୍ରୀ, ବିଭିନ୍ନ ପ୍ରକାର ଚର୍ମରୋଗ ଉପଶମ ପାଇଁ ଔଷଧ ଓ ରନ୍ଧନ ତୈଳ ପ୍ରସ୍ତୁତ ହୋଇଥାଏ । କନ୍ଧମାଳ ଜିଲ୍ଲାରେ ଶାଳ ମଞ୍ଜିର ଏକ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଗଲେ, ଜିଲ୍ଲାର ଆଦିବାସୀ ଏଥିରୁ ଉପକୃତ ହୋଇପାରନ୍ତେ ଏବଂ ଦଲାଲ୍‌ଙ୍କ କବଳରୁ ମୁକ୍ତି ପାଇପାରନ୍ତେ ।

ଗଡପଦରରେ ବିରିପାଣି ଯାତ୍ରା

ଜୟପୁର, ୨୮/୦୫ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ଗ୍ରାମ ଠାରେ ଆଜି ବିରିପାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ପରି ଏଠାରେ କୃଷି ଓ ଭଲ ବର୍ଷା ହେବା ପାଇଁ ମା ବିରିପାଣିଙ୍କ ଆଦେଶରେ ପରିଚାଳିତ ମା ବରିପାଣି ଯାତ୍ରା ପାଳନ କରାଯାଇଥାଏ । ଶନିବାର ସକାଳୁ ଆଖ ପାଖରୁ ପ୍ରାୟ ୧୦୦ ଟି ଗ୍ରାମରୁ ଲୋକେ ଛେଳି, କୁକୁଡା, ମେଣ୍ଢା , ପାରା, ନଡିଆ, ଲିଆ, ମୁଆଁ, ଫୁଲ, କଦଳୀ ଧରି ଗଡପଦର ଗ୍ରାମ ଠାରେ ରୁଣ୍ଡ ହୋଇଥିଲେ । ଦେବୀଙ୍କ ମୁଳ ପିଠ ବଣ୍ଡାମାଳି ପାହାଡକୁ ହାତରେ ମାଙ୍କ ପ୍ରତିକ ଲାଠି ବାଜା, ଧରି ପାହାଡ ଉପରୁକୁ ଭକ୍ତମାନେ ଯାଇ ଥିଲେ । ଲାଠିଧାରିମାନେ ରାସ୍ତାରେ ଯିବା ସମୟରେ ନଡିଆ, କଦଳି, ବୁଦା ପକାଯାଇ ପୁଜା କରାଯାଇ ଥାଏ । ମା ସମ୍ପର୍କିୟ ମାନେ ରାସ୍ତାରେ ଛୋଟ ଛୋଟ ପିଲା ମାନଙ୍କୁ ଗଡ଼ାଇ ଥିବା ବେଳେ ମାଙ୍କ ପ୍ରତିକ ଲାଠି ଧାରି ମାନେ ଛୋଟ ଛୋଟ ପିଲମାନଙ୍କୁ ଆର୍ଶିବାଦ ଦେଇଥାନ୍ତି । ଫଳରେ ଛୋଟ ଛୋଟ ପିଲମାନଙ୍କର ରୋଗ ହୋଇନଥାଏ ଓ ରୋଗରୁ ମୁକ୍ତି ମିଳିଥାଏ ।ଏହି ଯାତ୍ରା ପାଇଁ ଗତ କାଲି ଠାରୁ ଗ୍ରାମରେ ଲିପା ପୋଛା କରି ବା ସହ ମାଙ୍କ ମନ୍ଦିର କୁ ସାଜସଜ୍ଜା କରାଯାଇ ଥିଲା । ପାହାଡ ମଝିରେ ଥିବା ଦେବିଙ୍କ ପିଠରେ ତିନୋଟି ଗର୍ତ ରହିଛି ସେଠାରେ ବୁଦା ମରାଯିବା ସହ ପୁଜା ପାଠ କରାଯାଇଥିଲା । ଗ୍ରାମର ମଙ୍ଗଳ ପାଇଁ ଏହି ଯାତ୍ରା ବର୍ଷକୁ ଥରେ ପାଳନ କରାଯାଇଥାଏ । ଏହି ଯାତ୍ରାରେ ବିପୁଳ ଭକ୍ତଙ୍କ ସମାଗମ ହୋଇଥିଲା । ପ୍ରବଳ ଭକ୍ତଙ୍କ ସମାଗମ ଦେଖି ବଜାର ମଧ୍ୟ ବସିଥାଏ । ଯୁବତି ଓ ମହିଳା ମାନଙ୍କ ପଇଁ ଚୁଡି, ପାଉଜି, କାନ ଫୁଲ ବସିଥିବା ବଳେ ଖାଇବା ପାଇଁ ମଧ୍ୟ ଲଡୁ, ବୁନ୍ଦି, କାକରା, ଆରିସା, ଆଦି ବିକ୍ରି ହୋଇଥାଏ । ଛୋଟ ଛୋଟ ପିଲାମାନଙ୍କ ପାଇଁ ବେଲୁନ, ଖେଳନା ବସିଥିବା ବେଳେ ଗଡପଦର ଠାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନା କରାଯାଇଥିଲା । ଯାତ୍ରାରେ ଚଣା, ଖଜା, ମିଠା, ଖେଳନା, ବେଲୁନ, ଯୁବତି ଓ ମହିଳା ମାନଙ୍କ ବ୍ୟବହୁତ ସାମଗ୍ରୀ ପ୍ରମୁଖ ବିକ୍ରି କରାଯାଇଥିଲା । ମାଙ୍କ ନିକଟରେ ମାନସିକ ଧାରି ଭକ୍ତମାନେ ଛେଳି, କୁକୁଡା ଆଦି ବଳି ଦେଇ ଥିବା ଲକ୍ଷ୍ୟ କରାଯାଇଥିଲା । ବିରିପାଣି ଯାତ୍ରା ରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ପୁଜା ପାଠ କରି ମାଙ୍କ ଆର୍ଶିବାଦ ନେଇ କୋରାପଟୁ ଜିଲା ସମେତ ଜୟପୁର ନିର୍ବାଚନ ମଣ୍ଡଳିର ମଙ୍ଗଳ କାମନା କରିଥିଲେ ।

ମିଶନ ଶକ୍ତି ନିଯୁକ୍ତି ଅର୍ଥ କାରବାର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପିର ଦାବି

ଧର୍ମଶାଳା, ୨୮/୦୫ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ମିଶନ ଶକ୍ତି ନିଯୁକ୍ତ ଅନିୟମିତା ଓ ଅର୍ଥ କାରବାର ଅଭିଯୋଗ ପରେ ସଭାନେତ୍ରୀ ଇସ୍ତଫା ଦେଇଥିଲେ । ଏହି ଅବସରରେ ବଡଚଣା ବିଜେପି ପକ୍ଷରୁ ଚଣ୍ଡିଖୋଲ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ରାଜ୍ୟ ବିଜେପି ସମ୍ପାଦକ ଅମର ନାୟକ ଯୋଗ ଦେଇ ବଡଚଣା ବ୍ଲକ ଅଧିନରେ ଥବବା ମିଶନ ଶକ୍ତି ସଭାନେତ୍ରୀ ପଦବୀରେ କିଛିନା ମହାପାତ୍ର କେଉଁ ଆଧାରରେ ୮ବର୍ଷ ହେବ ବଡଚଣା ବାହାର ଅଂଚଳ ମହିଳା ହୋଇ ଏଠାରେ ଅବସ୍ଥାପିତ ହୋଇଛନ୍ତି । ମିଶନ ଶକ୍ତି ଅଧିନରେ ୬୧ଟି ସିଆରପି,୫ଟି ଏମବିକେ ଓ ୩ଟି ବ୍ୟାଙ୍କ ମିତ୍ର ପଦବୀ ପାଇଁ ୨୩.୪.୨୦୨୩ ତାରିଖରେ ଲୁଚାଣିଆଭାବେ ବିଜ୍ଞାପନ କରାଯାଇଥିଲା । ବିଭିନ୍ନ ପଂଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ କୌଣସି ସୂତ୍ରରୁ ଖବର ପାଇ ଆବେଦନ ପରେ ବି ସେମାନଙ୍କୁ ପ୍ରାପ୍ତି ସ୍ୱିକାର ପତ୍ର ପ୍ରଦାନ କରାଯାଇ ନ ଥିଲା । ଏହାର ପ୍ରତିବାଦରେ ବଡଚଣା ବିଜେପି ମହିଳା ମୋର୍ଚ୍ଚାର ସମର୍ଥକ ଓ ଆବେଦନ କରିଥିବା ସଦସ୍ୟମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଏଥିରେ ବ୍ଲକର ବିଡିଓ ହସ୍ତକ୍ଷେପ କରି ଆବେଦନ କରିଥବବା ସମସ୍ତ ସଦସ୍ୟମାନଙ୍କୁ ୪ଦିନ ପରେ ସ୍ୱିକାର ପତ୍ର ପ୍ରଦାନ କରିଥିଲେ । ପୂର୍ବରୁ ଏହି ପଦବୀ ଗୁଡିକ ନିଯୁକ୍ତି ପ୍ରକ୍ରୀୟା ଓ ଏଲଏମ ପରିଚାଳନା କରୁଥିବା ବେଳେ ଏବେ ଏହି ନିଯୁକ୍ତି ପ୍ରକ୍ରୀୟାର ଦାୟିତ୍ୱ ମିଶନ ଶକ୍ତି ସଭାନେତ୍ରୀ ଓ ସମ୍ପାଦକଙ୍କ ଉପରେ ନ୍ୟସ୍ତ କରାଯାଇଛି । ଯାହା ଫଳରେ ନିଯୁକ୍ତି ପ୍ରକ୍ରୀୟାକୁ ବାଟମାରଣ କରି ନିଜ ଇଚ୍ଛା ମୁତାବକ ମହିଳାଙ୍କୁ ରଖିବା ସହ ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗ ରହିଛି । କିଛି ଦିନ ପୂର୍ବେ ଫେଡେରେସନର ସଭାପତି ମହାପାତ୍ର ନିଜ ଘରେ ଖୋଲାଖୋଲି ଭାବେ ବନ୍ତଳା ପଂହଚାୟତର ଅନୁସୋଚିତ ଜାତିର ଜୈନିକ ମହିଳାଙ୍କଠାରୁ ନିଯୁକ୍ତ କରିବା ପାଇଁ ଟଙ୍କା ନେଉଥିବା ଭିଡିଓ ଭାଇରାଲ ହୋଇଥିଲା । ଏହା ପରେ ବିଜେପି ଜିଲାପାଳଙ୍କ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲା । ଜିଲାର ଏକ କମିଟି ବ୍ଲକ କାର୍ଯ୍ୟାଳୟ ଆସି ଫେଡେରେସନର ସଭାନେତ୍ରୀ ଟଙ୍କା ଦେଇଥବବା ମହିଳା ଓ ଓଏଲଏମ କର୍ମଚାରୀଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ । ଘଟଣାରେ ସତ୍ୟତା ଥିବା ଉପଲବ୍ଧ କରି ଜିଲାପାଳଙ୍କ ପ୍ରଦାନ ପରେ ଓଡିପିଓଙ୍କ ନିକଟରେ ଆଗୁଆ ନିଜ ଇସ୍ତଫା ପ୍ରଦାନ କରିଥିଲେ । ଏଭଳି ସଙ୍ଗିନ କାର୍ଯ୍ୟରେ ଲିପ୍ତ ମହିଳାଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବ୍ଲକ ପ୍ରଶାସନ ତାଙ୍କ ବିରୋଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ କରୁନ୍ତି । ପଂଚାୟତ ଓ ବ୍ଲକ ମିଶନ ଶକ୍ତି ପୁନଃ ଗଠନ କରାଯାଉ । ଅେବାଇନ ଭାବେ ହୋଇଥିବା ସମସ୍ତ ନିଯୁକ୍ତି ବାତିଲ କରି ପୁନଃ ନିଯୁକ୍ତ ପ୍ରକ୍ରୀୟା କରାଯାଉ । ଏଥିପାଇଁ ବିଜେପି ପକ୍ଷରୁ ବିଡିଓଙ୍କୁ ଏକ ଦାବିପତ୍ର ଶୁକ୍ରବାର ଦିନ ପ୍ରଦାନ କରାଯାଇଛି । ତିନିଦିନ ମଧ୍ୟରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନିଆନଗଲେ ମହିଳା ମୋର୍ଚ୍ଚା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଜିଲା ସାଧାରଣ ସମ୍ପାଦିକା ଦେବଜାନୀ ପ୍ରଧାନ ସୂଚନା ଦେଇଛନ୍ତି ।

ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଗୁରୁତର

ଧର୍ମଶାଳା, ୨୮/୦୫ (ନି.ପ୍ର): ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ଚଣ୍ଡିଖୋଲଛକ ନିକଟରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ପାଣିକୋଇଲି-କଟକ ମୁଖ୍ୟା ରାସ୍ତା ଚଣ୍ଡିଖୋଲ ଆଂଚଳିକ ପରିବହନ କାର୍ଯ୍ୟାଳୟ ନିକଟସ୍ଥ ବ୍ରିଜ ଉପରେ ଏହି ଦୁର୍ଘଟଣା ଘଟିଛି । ଏକ ଆଇରନ ବୋଝେଇ ଟ୍ରକ ରାସ୍ତା କଡରେ ଛିଡା ହୋଇଥିବା ବେଳେ ପଛ ପଟୁ ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେଇଥିଲା । ଫଳରେ ରାଜସ୍ଥାନ ଅଂଚଳର ରମଜାନ ଖାଁ ଓ ଆଝାରୁଦ୍ଦିନ ଦୁହେଁ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଚଣ୍ଡିଖୋଲ ଅଗ୍ନୀଶମ ବିଭାଗ ଘଟଣାସ୍ଥଳରେ ପଂହଚି ଗୁରୁତରଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ ।

ଭାର୍ଗବୀରେ ବୁଡ଼ିରହିଛି ପ୍ରାଚୀନ ମନ୍ଦିରର ଧ୍ୱଂସାବଶେଷ

ପିପିଲି , ୨୮/୦୫ (ନି.ପ୍ର): ପିପିଲି ବ୍ଲକ୍ ମୌଜିବେଗ୍ ଗାଁ ନିକଟ ଭାର୍ଗବୀ ନଦୀରେ ବୁଡ଼ି ରହିଛି ପ୍ରାଚୀନ ମନ୍ଦିରର ଧ୍ୱଂସାବଶେଷ । ନଦୀରେ ପାଣି କମ୍‌ଥିବାରୁ ଏବେ ବଡ଼ ବଡ଼ ପଥରଖଣ୍ଡ ଦୃଶ୍ୟମାନ ହେଉଛି । ଏହା ପ୍ରାୟ ୭ଶହ ବର୍ଷ ତଳର ମନ୍ଦିର ବୋଲି ଆକଳନ କରାଯାଉଛି । ୧୩ଶହ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିରର ନିର୍ମାଣ କରାଯାଇଥିଲା ବୋଲି ବୋଲି ଗ୍ରାମର ପୁରୁଖା ବ୍ୟକ୍ତିମାନେ କହିଛନ୍ତି । ପ୍ରଳୟଙ୍କରୀ ବନ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଏହି ପ୍ରାଚୀନ ମନ୍ଦିର ନଦୀ ଗର୍ଭରେ ଲୀନ ହୋଇଯାଇଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି । ୫ବର୍ଷ ତଳେ ଗ୍ରାମବାସୀମାନେ ଉଦ୍ଧାର କରିଥିବା ନବଗ୍ରହ ମୂର୍ତ୍ତି ଏବେ ଶ୍ରୀଆଖଣ୍ଡଳମଣି ମନ୍ଦିରରେ ପୂଜା ପାଉଛନ୍ତି । ପୂର୍ବରୁ ପଥରର ବାଘ ମୂର୍ତ୍ତି ମଧ୍ୟ ଏଠାରୁ ଉଦ୍ଧାର ହୋଇଥିବା ଜଣାଯାଏ । ସେହିପରି ବଡ଼ବଡ଼ ଶିଳାଖଣ୍ଡ ଗ୍ରାମବାସୀ ଉଦ୍ଧାର କରି କୂଳକୁ ଆଣିଥିଲେ । ଗୋଟିଏ ଗୋଟିଏ ଶିଳାଖଣ୍ଡର ଓଜନ ୧୦ରୁ ୧୨ କ୍ୱିଣ୍ଟାଲ ହେବ ବୋଲି ଅନୁମାନ କରାଯାଉଛି । ଏହି ଶିଳାଗୁଡ଼ିକରେ ମନ୍ଦିରର କାରୁକାର୍ଯ୍ୟ ଖୋଦେଇ ହୋଇଛି । ଭାର୍ଗବୀ ନଦୀର ଏହି ସ୍ଥାନରେ ପ୍ରାୟ ୨୦ ଫୁଟ୍ ଲମ୍ବ ଓ ୧୫ଫୁଟ ଚଉଡ଼ାରେ ଶିଳାଖଣ୍ଡଗୁଡ଼ିକ ବୁଡ଼ି ରହିଛି । ଭଗ୍ନ ମନ୍ଦିରର ମୂଳଦୁଆ ଦୃଶ୍ୟମାନ ହେଉନାହିଁ । ନିକଟରେ ନଦୀ ମଧ୍ୟରେ ଏକ କୂଅ ରହିଛି । ଯାହା ମାଟି ନନ୍ଦରେ ନିର୍ମାଣ ହୋଇଛି । ୫ବର୍ଷ ତଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏଠାକୁ ଆସି ତନଖି କରିଥିଲା, ହେଲେ ନଦୀରେ ଗଭୀର ପାଣିଥିବାରୁ ଫେରିଯାଇଥିଲା । ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରିଥିବା ତତ୍କାଳୀନ ମୋଗଲ ଶାସକ ତକୀ ଖାଁ ଏହି ମନ୍ଦିରକୁ ଭାଙ୍ଗି ଦେଇଥିଲେ ବୋଲି ଗ୍ରାମର କିଛି ପୁରୁଖା ବ୍ୟକ୍ତି ମତ ରଖିଛନ୍ତି । ତେବେ ରାଜ୍ୟ ସରକାର ତଥା ପ୍ରତ୍ନତତ୍ତ୍ୱ ବିଭାଗ ଭାର୍ଗବୀ ନଦୀଗର୍ଭରୁ ଏହି ଭଗ୍ନ ମନ୍ଦିରର ଧ୍ୱଂସାବଶେଷ ତଥା ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକୁ ଉଦ୍ଧାର କରି ସଂରକ୍ଷଣ କରିବା ସହ ତଥ୍ୟ ଅନୁସନ୍ଧାନ କଲେ ମନ୍ଦିର କିମ୍ବଦନ୍ତିର ସୂଚନା ମିଳିପାରନ୍ତା ବୋଲି ମତପ୍ରକାଶ ପାଇଛି ।

ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁର ନବନିର୍ମିତ ବସଷ୍ଟାଣ୍ଡକୁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଦାବି

ଗଞ୍ଜାମ, ୨୮/୦୫ (ନି.ପ୍ର): ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁର ନବନିର୍ମିତ ବସଷ୍ଟାଣ୍ଡ ୨୦୧୬ ମସିହାରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ନହୋଇ ନିମ୍ନ ମାନର କାର୍ଯ୍ୟ ଓ ମୋଟା ଅଙ୍କର ପିସି କରବାର ଯୋଗୁଁ ଭଗ୍ନ ଅବସ୍ଥାରେ ପଡିରହିଛି । ଏଥିରେ ରାଜକୋଷରୁ ୨୫ କୋଟି ଟଙ୍କା ବର୍ବାଦ କରିଥିବା ଯୋଗୁଁ ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କ ଠାରୁ ଟଙ୍କା ଆଦାୟ ଓ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ଦାବି ହୋଇଛି । ଭାରତୀୟ ବିକାଶ ପରିଷଦ ଉପରୋକ୍ତ ସୂଚନାଙ୍କିତ ବିଷୟ ପ୍ରତି ଲେଖିଥିବା ଅଭିଯୋଗ ଏହାଯେ, ବ୍ରହ୍ମପୁର ମହାନଗର ନିଗମ, ଛତ୍ରପୁର ଓ ଗୋପାଳପୁର ସହରର ଜନସଂଖ୍ୟା ଓ ଚାରିଚକିଆ ପରିବହନ ଗାଡିର ବୃଦ୍ଧି ଯୋଗୁଁ ସହରର ଯାତାୟାତରେ ବହୁ ଅସୁବିଧା, ଭିଡ଼, ଦୁର୍ଘଟଣା ଇତ୍ୟାଦିରୁ ବଂଚିତ ପାଇଁ ୨୦୧୪ ମସିହାରେ ଯୋଜନା କରି ବ୍ରହ୍ମପୁରର ନୂତନ ବସଷ୍ଟାଣ୍ଡ ହଳଦିଆପଦର ଜାତୀୟ ରାଜପଥ (ପୁରୁଣା ନମ୍ବର ୫)କଡରେ ୫ ଏକର ଜମିରେ ୧୩ କୋଟି ଟଙ୍କା ବ୍ୟୟକରି ନିର୍ମାଣ ହୋଇଥିବା ଅତ୍ୟାଧୁନିକ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ବିଜୁ ଜୟନ୍ତୀ ଦିବସ ୨୦୧୬ ମସିହାରେ ଉଦଘାଟନ କରିଥିଲେ । ଉକ୍ତ ହାଇଟେକ ବସଷ୍ଟାଣ୍ଡରେ ବିଭିନ୍ନ ପ୍ରକାର ସୁବିଧା ସହିତ ୧୦୦ ରୁ ଅଧିକା ବସ୍ ରହିବା ନିମନ୍ତେ ପାର୍କିଙ୍ଗ, ବହୁ ଦୋକାନ ଗୃହ, ଶୌଚାଳୟ, ବିଶ୍ରାମାଗାର, ଏକାଧିକ ଟିକେଟ୍ କାଉଂଟର ଓ ମରାମତି ପାଇଁ ଗ୍ୟାରେଜ ନିର୍ମାଣ ହୋଇଛି, ଯାତ୍ରୀଙ୍କ ପାଇଁ ଫ୍ୟାନ, ଲାଇଟ ଇତ୍ୟାଦି ଅତ୍ୟାଧୁନିକ ଯନ୍ତ୍ରପତି ଲଗାଯାଇଥିଲେ ମଧ୍ୟ ଦୀର୍ଘ ୭ ବର୍ଷ ହେଲା ଏହା ବ୍ୟବହାର ନହୋଇ ପଡିରହିଥିବା ଯୋଗୁଁ ଛାତରୁ ପାଣି ଗଳୁଛି, କାନ୍ଥ ଭୁଶୁଡ଼ି ପଡିଲାଣି, ଫ୍ୟାନ, ଲାଇଟ ଇତ୍ୟାଦି ଯନ୍ତ୍ରପାତି ଚୋରି ହୋଇଯାଇଛି ।

ସେହିପରି ଗଞ୍ଜାମ ଜିଲ୍ଲା ସଦର ମହାକୁମା ଛତ୍ରପୁର ଠାରେ ୬.୪୪ କୋଟି ବ୍ୟୟରେ ଜାତୀୟ ରାଜପଥ କଡରେ ନିର୍ମିତ ବସଷ୍ଟାଣ୍ଡ ବିଜୁ ଜୟନ୍ତୀ ଦିବସ ୨୦୧୬ ମସିହାରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ । ଦୀର୍ଘ ୭ ବର୍ଷ ହେଲା ଏହା କାର୍ଯ୍ୟକ୍ଷମ ନହେଇ ଭଗ୍ନ ଅବସ୍ଥାରେ ପଡ଼ିରହିଛି । ଅନୁରୂପ ଭାବେ ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଗୋପାଳପୁର ଠାରେ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ୨୦୧୬ ମସିହାରେ ଉଦଘାଟନ କରିଥିଲେ । ହେଲେ ୭ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହା କାର୍ଯ୍ୟକ୍ଷମ ନହୋଇ ଅବ୍ୟବହୃତ ଅବସ୍ଥାରେ ପଡି ରହିଥିବା ଯୋଗୁଁ ଛାତରୁ ପ୍ଲାଷ୍ଟର ଖସି ପାଣି ଗଳି ସ୍ଥିତି ଜଟିଳ ହୋଇପଡିଛି । ଉପରୋକ୍ତ ତିନି ଗୋଟି ବସଷ୍ଟାଣ୍ଡ ବ୍ରହ୍ମପୁର ଉନ୍ନୟନ କର୍ତ୍

ପୋଖରୀରେ ଗୋଡ଼ଖସି ଯୁବତୀ ମୃତ୍ୟୁ

ନୀଳଗିରି , ୨୮/୦୫ (ନି.ପ୍ର): ଔପଦା ବ୍ଲକ ଶ୍ୟାମାସୁନ୍ଦରପୁର ପଞ୍ଚାୟତ ଗୋପ ଗ୍ରାମର ପୋଖରୀରେ ଗୋଡ ଖସିଯିବାରୁ ଜଣେ ଯୁବତୀର ମୃତ୍ୟୁ ଘଟିଛି । ସୂଚନାଅନୁଯାଇ ରବିବାର ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ଗୋପ ଗ୍ରାମର ୧୭ବର୍ଷୀୟା ଯୁବତୀ ଦୀପ୍ତିମୟୀ ମଲ୍ଲୀକ ନିକଟସ୍ଥ ପୋଖରୀକୁ ବାସନ ସଫା କରିବାକୁ ଯାଇଥିଲେ । ଅସାବଧାନତା ହେଉ କିମ୍ୱା ଅନ୍ୟ କୌଣସି କାରଣରୁ ହେଉ ଗୋଡ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ । ପରେ ପାଣିରେ ଭାସୁଥିବାର ଦେଖି କିଛି ଲୋକ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକ ନୀଳଗିରି ମେଡିକାଲକୁ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ ହେଁ ସୋମବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

ରୋଟାରୀ ଗଭର୍ଣ୍ଣରଙ୍କ ପରିଦର୍ଶନ ମୂଳକ ସାଧାରଣ ସଭା

ବହୁ ପ୍ରକଳ୍ପର ଉଦଘାଟନ କଲେ ରୋଟାରି ଗଭର୍ଣ୍ଣର

ବାରିପଦା , ୨୮/୦୫ (ନି.ପ୍ର): ବାରିପଦା ରୋଟାରୀ ଭବନରେ ଆୟୋଜିତ ରୋଟାରୀ ଗଭର୍ଣ୍ଣରଙ୍କ ପରିଦର୍ଶନ ମୂଳକ ସାଧାରଣ ସଭାରେ ରୋଟାରୀ ଜିଲ୍ଲା ୩୨୬୨ ର ରୋଟାରୀ ଗଭର୍ଣ୍ଣର ପ୍ରଭୁଦତ୍ତ ସୁବୁଦ୍ଧି ବାରିପଦା ରୋଟାରୀ କ୍ଲବର ମାସିକ କର୍ଯ୍ୟକର୍ମକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଅପରାହ୍ନରେ ରୋଟାରୀ ଗଭର୍ଣ୍ଣର ଚାରୋଟି ରୋଟାରୀ ପ୍ରକଳ୍ପ ଯଥା ବାରିପଦା ଉପଖଣ୍ଡ ଦିଗୁସାହିରେ ପୁଷ୍କରିଣୀରେ ବତକ ପାଳନ ଓ ମାଛ ଚାଷର ଅୟମାରମ୍ଭ, ସ୍ଥାନୀୟ କୁଷ୍ଠାଶ୍ରମରେ ଅନ୍ତେବାସୀଙ୍କ ଆର୍ଥିକ ସ୍ୱକୁଳତା ରୋଜଗାର ଭିତ୍ତିକ ପ୍ରକଳ୍ପ କୁକୁଡ଼ା ଫାର୍ମ ଉଦଘାଟନ କରିଥିଲେ । ଏହାପରେ ଗଭର୍ଣ୍ଣର ବାରୁଣୀ ଠାରେ ବାରିପଦା ମୂନ୍ସିପଲ୍ଲୀର ଚେୟାରମ୍ୟାନ କୃଷ୍ଣାନନ୍ଦ ମହାନ୍ତିଙ୍କ ସହିତ ମିଳିତ ଭାବରେ ଏକ ପାନୀୟ ଜଳ ଯୋଗାଣ ଗୃହର ଉଦ୍ଘଟାନ କରିଥିଲେ । ଏହି ପ୍ରକଳ୍ପ ଉଦ୍ଘାଟନ ବେଳେ ଭାଇସ ଚେୟାରମ୍ୟାନ ସୀମା ଦାସ, ବାରିପଦା ୱାର୍ଡ ୧୧ ଓ ୨୮ ନମ୍ବର ୱାର୍ଡ କାଉନସିଲର ପ୍ରଭାତୀ ପୃଷ୍ଟି ଓ ଜିତା ସିଂ ଉପସ୍ଥିତ ଥିଲେ । କନାବ୍ୟଗ ତିଆରି ପାଇଁ ଏସ.ଏଚ.ଜି ଗ୍ରୁପକୁ ସିଲାଇ ମେସିନ ପ୍ରଦାନ କରାଯାଇଥିଲା । ସଂଧାରେ ରୋଟାରୀ ଭବନରେ ଆୟୋଜିତ ସଭାରେ ଗଭର୍ଣ୍ଣର ରୋଟାରୀଆନ ସୁବୁଦ୍ଧି ବାରିପଦା ରୋଟାରୀ କ୍ଲବରେ କାର୍ଯ୍ୟଶୈଳିକୁ ପ୍ରଶଂସା କରିବା ସହିତ ବ୍ଲକ ସଭାପତି ରାକେଶ ସିଂଙ୍କୁ ଏବର୍ଷର ଶ୍ରେଷ୍ଠ ପ୍ରକଳ୍ପ ମେଡିକାଲ ମିଶନ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରାରମ୍ଭରେ କ୍ଲବର ସମ୍ପାଦକ ଜ୍ୟୋତିରଂଜନ ସାହୁ ବିବରଣୀ ପାଠ କରିଥିବା ବେଳେ କ୍ଲବର ପୂର୍ବତନ ସଭାପତି ରୋଟାରୀଆନ ଅରୁଣ କୁମାର ଦାସଙ୍କ ସଂପାଦନାରେ ମେଘାସନୀ ସ୍ମରଣୀକା ଉନ୍ମୁଚିତ ହୋଇଥିଲା । ପୂର୍ବତନ ସଭାପତି ରୋଟାରୀଆନ ସୁବାସ ସାହୁ ସଭାପରିଚାଳନା କରିଥିବା ବେଳେ ପୂର୍ବତନ ସଭାପତି ବିଭୁପ୍ରସାଦ ଦାସ ସ୍ୱାଗତ ଅଭିଭାଷଣ ଦେଇଥିଲେ. ସଭାରେ ବାରିପଦା କ୍ଲବର ପୂର୍ବତନ ସଭାପତି ରବୀନ୍ଦ୍ର ନାଥ ମହାପାତ୍ର, ରୋଟାରୀଆନ ବିରେନ୍ଦ୍ରନାଥ ସାହୁ,ପ୍ରଶାନ୍ତ ଜେନା,ତାରା ପ୍ରସାଦ ଦାସ, ମୋହନ ଖଣ୍ଡେଲ,ଗଣେଶ ଦାସ ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ । କ୍ଲବର ରୋଟେରୀଆନ ଡକ୍ଟର ପୁଷ୍ପା ପାତ୍ର ଧନ୍ୟବାଦ ଦେଇଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ମୋକିମ୍ ଓ ଚିରଞ୍ଜୀବୀଙ୍କୁ ....

ବିଧାୟକ ମହମ୍ମଦ ମୋକିମଙ୍କ ଅଧକ୍ଷତାରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏହି ସମାରୋହରେ ଚିରଞ୍ଜୀବୀ ବିଶ୍ୱାଳ ଯୋଗଦେଇ ରାଜ୍ୟ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ। ଓଡ଼ିଶାରେ କଂଗ୍ରେସରୁ ବର୍ତମାନ ୯ ଜଣ ବିଧାୟକ ଅଛନ୍ତି। କିନ୍ତୁ ୨୦ ଜଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। କାର୍ଯ୍ୟକ୍ରମରେ ମହମ୍ମଦ ମୋକିମ୍ ମଧ୍ୟ ଦଳୀୟ ନେତୃତ୍ୱକୁ ସମାଲୋଚନା କରିଥିଲେ। ଯେଉଁଥିପାଇଁ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ଆଲୋଚନା ହେଉଛି।

ଆକ୍ସନରେ କମିଶନରେଟ୍ ....

ହୋଟେଲ, ବାର୍ ଓ ଡ୍ୟାନ୍ସ ବାର ସରକାରୀ ନିୟମ ଉଲ୍ଲଂଘନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରଖିଥିଲେ। ଅଧିକାଂଶ ଡ୍ୟାନ୍ସ ବାର୍ ରେ ଅଧିକ ସାଉଣ୍ଡ ଦେଇ ନାଚ ଗୀତର ଆସର ଜମିଥିଲା । ଏନେଇ ସୂଚନା ପାଇବାରେ ଚଢାଉ କରିଥିଲେ ଦୁଇଟି ଥାନାରେ ପୋଲିସ । ଚଢାଉରେ ତିନି ପ୍ଲାଟୁନ ପୋଲିସ ଫୋର୍ସ ସହ ଟିମ-୬୦ , ଉଞ୍ଚଝ ଫୋର୍ସ ସାମିଲ ହୋଇଥିଲେ।

ବରହମପୁର ମା'ମଙ୍ଗଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବସ୍ତା, ୨୮/୦୫ (ନି.ପ୍ର): ରୂପସା ଥାନା କଷିପଦା ପଞ୍ଚାୟତ ଅନ୍ତର୍ଗତ ବରହମପୁର ରେ ଥିବା ଗ୍ରାମଦେବତୀ ମା' ମଙ୍ଗଳା ଦେବୀ ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ତିନି ଦିନ ଧରି ମା ଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ତେଣୁ ପ୍ରଥମ ଦିନରେ କଳସ ଶୋଭା ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଗ୍ରାମର ଶତାଧିକ ମହିଳା ମାନେ ଆଙ୍କୋ ପଦ୍ମକିଶୋର ପୋଖରୀ ରୁ ନାମ ସଂକୀର୍ତ୍ତନ ର ତାଳେ ତାଳେ ମା ଙ୍କ ନାମ ଧରି ପାଣି ଆଣି କଳସ ଯାତ୍ରାକରି ମା ଙ୍କ ଆଶୀର୍ବାଦ କାମନା କରିଥିଲେ । ଦ୍ୱିତୀୟ ଦିନରେ ବିଗ୍ରହ ସ୍ଥାପନ , ଚଣ୍ଡୀ ପାଠ, ତୃତୀୟ ଦିନରେ ଯଜ୍ଞ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟ କ୍ରମକୁ ସମସ୍ତ ଗ୍ରାମବାସୀ , ମନ୍ଦିର କମିଟି , କିଛି ସ୍ୱ ହୃଦୟ ବିଦ୍ୱାନ ବ୍ୟକ୍ତି ସୁଚାରୁ ରୂପେ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଉପସ୍ଥିତ ରହି ମା 'ଙ୍କ ଆଶୀର୍ବାଦ କାମନା କରି ମା ସବୁବେଳେ ଏ ଗ୍ରାମବାସୀ ଓ ଅଞ୍ଚଳ ବାସୀ ଙ୍କୁ ଭଲରେ ରଖନ୍ତୁ ବୋଲି କହିଥିଲେ । ସମାଜସେବୀ ଜଗଦୀଶ ବେହେରା, ବଂଶୀଧର ପଣ୍ଡା ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତଥିଲେ ।

ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା ପାଇଁ ନିଷ୍ପତ୍ତି

ବାଲେଶ୍ୱର, ୨୮/୦୫ (ନି.ପ୍ର): କୃଷି ମହାବିଦ୍ୟାଳୟ ଓ କୃଷିଗବେଷଣା କ୍ଷେତ୍ର ବାଲେଶ୍ୱରରେ ପ୍ରତିଷ୍ଠା ଦାବିରେ ଆସନ୍ତା ଜୁନ୍ ୩ୟ ସପ୍ତାହରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ଏକ ସ୍ୱତନ୍ତ୍ର ବୈଠକରେ ରବିବାର ଦିନ ଏହି ନିଷ୍ପତ୍ତି ନିଆଯାଇଛି। ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟା ଓ ସଦସ୍ୟମାନେ ଗତ ଏକବର୍ଷ ଧରି ଜିଲ୍ଲାବାସୀଙ୍କ ଏହି ଦାବି ସଂପର୍କରେ ସରକାରଙ୍କୁ ବିଭିନ୍ନ କୃଷକ ଏବଂ ସାମାଜିକ ସଂଗଠନ ପକ୍ଷରୁ ଅବଗତ କରାଇଥିଲେ ମଧ୍ୟ ସରକାର ଜିଲ୍ଲାବାସୀଙ୍କ ଦାବିପ୍ରତି ଗୁରୁତ୍ୱ ଦେଉନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସମିତି ପକ୍ଷରୁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ସାକ୍ଷାତ କରି କୃଷି ଶିକ୍ଷା ଉପରେ ଅବଗତ କରାଯିବା ସହ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ତଥ୍ୟ ଓ ସରକାରୀ ଜମିର ବିବରଣୀ ପ୍ରଦାନ କରାଯାଇଛି। କୁଳପତି ଏହି ଦାବିର ଯଥାର୍ଥତା ପ୍ରତି ତାଙ୍କର ସହମତି ପ୍ରକାଶ କରିଥିବାର ଶ୍ରୀ ପଣ୍ଡା ଜଣାଇଥିଲେ। ଗଣଧାରଣା ପୂର୍ବରୁ ଖଇରା, ଔପଦା ଓ ସିମୁଳିଆ ବ୍ଲକ୍ ସ୍ତରୀୟ ବୈଠକ ଶେଷ କରିବାକୁ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତସ୍ତରରେ ସଭ୍ୟସଂଖ୍ୟା ବୃଦ୍ଧି କରିବାକୁ ଓ ଆସନ୍ତା ଗଣଧାରଣା କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ କୃଷକ ଓ କୃଷିଭିତ୍ତିକ କାର୍ଯ୍ୟରେ ଥିବା ବ୍ୟକ୍ତି ବିଶେଷ ଅଧିକ ସଂଖ୍ୟାରେ ଯୋଗଦେବାକୁ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ନିରଞ୍ଜନ ପରିଡ଼ା, ପ୍ରବୋଧ ପାତ୍ର, ରବିନାରାୟଣ ଭୋଳ, ଅନନ୍ତ ଦତ୍ତ, ଯୋଗେଶ ପ୍ରଧାନ, ହରିହର ପରିଡ଼ା, ଭୂପତି ପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ପୁରୁଷୋତ୍ତମ ବେହେରା, ଅପର୍ଣ୍ଣା ମହାପାତ୍ର, ଡ. କ୍ଷିତୀଶ୍ୱର ଦାଶ, ଶ୍ୟାମ ଜେନା ଓ ପ୍ରଦୀପ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଲ୍ୟାଣୀ ନନ୍ଦ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ।

ଆଜି କ୍ୟାବିନେଟ୍

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ଆସନ୍ତାକାଲି (ସୋମବାର)ରାଜ୍ୟ କ୍ୟାବିନେଟ୍ ବୈଠକ। ସୋମବାର ପୂର୍ବାହ୍ନ ୧୦ଟା ୪୫ ମିନିଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ କ୍ୟାବିନେଟ ବୈଠକ ବସିବ।

ଡ୍ୟାମ୍‌ରେ ଖସି ଯୁବକ ନିଖୋଜ

କଳାହାଣ୍ଡି , ୨୮ ମଇ(ହି.ସ.) – ସେଲ୍‌ଫି ନେବା ହେଲା କାଳ। ସେଲ୍‌ଫି ନେବାବେଳେ ଡ୍ୟାମ୍ ରେ ଖସିପଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାର ଡୋକରିଚଂଚରା ଜଳ ପ୍ରପାତରେ ସେଲ୍‌ଫି ନେବାବେଳେ ଖସିପଡ଼ିଛନ୍ତି। ନିଖୋଜ ଯୁବକଙ୍କୁ ଖୋଜାଖୋଜି କରୁଛନ୍ତି ଅଗ୍ନିଶମ ଅଧିକାରୀ।କିଛି ଯୁବକ ଭୋଜି କରିବାକୁ ଯାଇ ଜଳପ୍ରପାତରେ ଗାଧୋଉଥିବା ବେଳେ ଅଘଟଣ ଘଟିଥିଲା।

ଜୁନ ପହିଲାରୁ ସମୂହ ଛୁଟିରେ ଯିବେ ଅମଲା

ବାରିପଦା , ୨୮/୦୫ (ନି.ପ୍ର): ଜିଲ୍ଲା ଅମଲା ମାନଙ୍କର ଦୀର୍ଘ ଦିନର ଦାବୀ ମୁତାବକ ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତିରେ ଜିଲ୍ଲା ସ୍ତରୀୟ କନିଷ୍ଠ ଅମଲା ମାନଙ୍କର ମୂଳ ଦରମା ୯୩୦୦ ଟଙ୍କା ସହିତ ଗ୍ରେଡ୍ ପେ ୪୨୦୦ ଟଙ୍କା କିମ୍ୱା ଲେଭଲ୍-୯ ଅନୁଯାୟୀ ଦରମା ନିର୍ଦ୍ଧାରଣ ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଏଦିଗରେ ରାଜ୍ୟ ସରକାରଙ୍କ ତରଫରୁ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ତେଣୁ ରାଜ୍ୟ ମିଳିତ ଅମଲା ମଞ୍ଚର ଡାକରା କ୍ରମେ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ଥିବା ସମସ୍ତ କାର୍ଯ୍ୟାଳୟର ଅମଲା କର୍ମଚାରୀ ମାନେ ଗତ ମେ ୨୨ ତାରିଖ ଠାରୁ କଳାବ୍ୟାଚ ପରିଧାନ କରି ଏଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । ଏହି କଳାବ୍ୟାଚ ପରିଧାନର କାର୍ଯ୍ୟକ୍ରମ ମେ ୩୧ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଯଦି ଭକ୍ତ ସମୟସୀମା ମଧ୍ୟରେ ସରକାରଙ୍କ ତରଫରୁ ସକରାତ୍ମକ ପଦକ୍ଷେପ ଗ୍ରହଣ କରାନ୍ୟାଏ ତେବେ ଆସନ୍ତା ଜୁନ ପହିଲା ରୁ ପୂର୍ବ ସୂଚନା ଅନୁଯାୟୀ ଜିଲ୍ଲାର ସମସ୍ତ ଅମଲା କର୍ମଚାରୀ ମାନେ ସମୂହ ଛୁଟିରେ ରହିବାକୁ ନିଷ୍ପତି ଗ୍ରହଣ କରିଛନ୍ତି । ଇତି ମଧ୍ୟରେ ଅମଲା ମାନେ ସମୂହ ଛୁଟି ଦରଖାସ୍ତ ନିଜ ନିଜ କାର୍ଯ୍ୟାଳୟର ଅଧିକାରୀଙ୍କ ନିକଟରେ ପ୍ରଦାନ କରିବା ଆରମ୍ଭ କରିଦେଲେଣି। ତେବେ କାର୍ଯ୍ୟାଳୟ ରେ ଆମଲା ମାନେ ଅନୁପସ୍ଥିତ ରହିଲେ କାର୍ଯ୍ୟ ସମ୍ପାଦନ ରେ ବ୍ୟାପକ ବାଧା ସୃଷ୍ଟି ହେବା ସହିତ ଜନସାଧାରଣ ବହୁ ହଇରାଣ ହେବେ। ଏଣୁ ସରକାର ଆମଲା ମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଦାବୀ ହେଉଛି।

ସମାଜସେବୀ ମହାସଂଘ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୨୮/୦୫ (ନି.ପ୍ର): ସମାଜସେବୀ ମହାସଂଘ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ସଂଗଠନର କର୍ମକର୍ତ୍ତାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ମହାସଂଘର ସଭାପତି ଆକାଶ କୁମାର ନାୟକ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ନିୟମିତ ଏହିଭଳି ଶିବିର ଆୟୋଜନ ପାଇଁ ମହାସଂଘ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଂଘର କାର୍ଯ୍ୟକାରୀ ସଭାପତି ଗଣେଶ ଚନ୍ଦ୍ର ପାଢ଼ୀ, ସମ୍ପାଦକ ଗଣେଶ ଚନ୍ଦ୍ର ଜେନା, ଉପ-ସଭାପତି ପୁଷ୍କରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ବିଦ୍ୟାଧର ବାରିକ, କୋଷାଧକ୍ଷ ଜଗନ୍ନାଥ ପରଡ଼ା, ମିଡିଆ ସଂଯୋଜକ ମହେଶ ମଲ୍ଲିକ, ଉପଦେଷ୍ଟା ଆଚାର୍ଯ୍ୟ ବିଜୟଜୀ, କମଳ ଲୋଚନ ପଣ୍ଡା, ଲୋକନାଥ ପିରି, ସହ ସମ୍ପାଦକ ମନୋଜ କୁମାର ସ ପ୍ରମୁଖ ଶିବିର ପରିଚାଳନା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

ଜୁଲାଇରେ ମଞ୍ଚସ୍ଥ ହେବ ନାଟକ କପଟ ପାଶା

ବାରିପଦା: ଶ୍ରୀରାମ ଚନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆସନ୍ତା ଜୁଲାଇ ମାସରେ ବିଶିଷ୍ଟ ନାଟ୍ୟକାର ସ୍ୱର୍ଗତ ଆନନ୍ଦ ଶଙ୍କର ଦାସଙ୍କ ରଚିତ ନାଟକ କପଟ ପାଶା ମଞ୍ଚସ୍ଥ ହେବ ବୋଲି ସଂସ୍ଥାର ସମ୍ପାଦିକା ସୁଚରିତା ମହାନ୍ତି ଜଣାଇଛନ୍ତି ଓ ଏହି ଅବସରରେ ଶ୍ରୀମତୀ ମହାନ୍ତିଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ଓ ଉପଦେଷ୍ଟା ସୋମନାଥ ସିଂହ ତଥା ନିର୍ଦ୍ଦେଶକ ଡ଼ଃ କୁମର ମଣି ନାୟକଙ୍କ ସମେତ ଜ୍ଞାନ ରଞ୍ଜନ ପଣ୍ଡା, ବିଜେନ୍ଦ୍ର କୁମାର ରାଉତ, କୁନ୍ଦନ ଭଞ୍ଜ, ରାଜେଶ ଦାଶ, ଗୁହିରାମ ଜେନା, ରଣଜିତ କୁମାର ସାହୁ, ପ୍ରସନ୍ନ କୁମାର ମହାନ୍ତି, ନିରଞ୍ଜନ ନାୟକ, ସିଦ୍ଧେଶ୍ୱର ବେହେରା, ଦୀପ୍ତିତା ବିନ୍ଧାଣି, ଦର୍ଶନା ଭଞ୍ଜଦେଓ ଓ ଅନିତା ମିଶ୍ର ପ୍ରମୁଖ କଳାକାର ବୃନ୍ଦ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

ହାତୀ ଉପଦ୍ରବ କିଛି ପରିବାର ସର୍ବହରା: ଖୋର୍ଦ୍ଧା ବନ ଡିଭିଜନ ନୀରବଦ୍ରଷ୍ଟା

ଖୋର୍ଦ୍ଧା , ୨୮/୦୫ (ନି.ପ୍ର): ପ୍ରାପ୍ତ ସୁଚନା ଅନୁସାରେ ଖୋର୍ଦ୍ଧା ବନ ଡିଭିଜନ ଅଧୀନରେ ହାତୀ ଉପଦ୍ରବ ଯୋଗୁ ବହୁ ମୂଲ୍ୟବାନ ଜୀବନ ମରଣ ଓ ବହୁ ଜଙ୍ଗଲ ଅଂଚଳ ଚାଷୀ ସର୍ବଶାନ୍ତ ।ଖୋର୍ଦ୍ଧା ଜଙ୍ଗଲ ବିଭାଗ କଣ ଧୃତ ରାଷ୍ଟ୍ର ? ଚନ୍ଦକା, ଡମପଡ଼ା,ଓ ଆଠଗଡ ଆଦି ଜଙ୍ଗଲରୁ ହାତୀ ଖାଦ୍ୟ ଅନୁସରଣରେ ଆସି ଖୋର୍ଦ୍ଧା ବ୍ଲକ୍, ଟାଙ୍ଗି, ରଣପୁର, ବାଣପୁର ଜଙ୍ଗଲରେ ଘୁରି ବୁଲୁଛନ୍ତି। ମନୁଷ୍ୟ ଯେପରି ପେଟ ପାଇଁ ନାଟ, ଚୋରୀ, ରାହାଜାନୀ, ଡକାୟତି ପାଇଁ ସଂଘଠିତ ହୋଇ ବୁଲି ଧନ ଜୀବନ ହରଣ କରେ, ଆମ ହାତୀ ପେଟ ପାଇଁ ଆଉ ଜଙ୍ଗଲ ନାହିଁ। ଏଣୁ ଆମ ଗଜ ରାଜ ସ୍ତ୍ରୀ ପିଲା, ଭାଇ, ଭଉଣୀ ଘୁରୀ ବୁଲନ୍ତି। ହାତୀ ଉଦ୍ଦେଶ୍ୟ ନୁହେଁ ମଣିଷ ମାରିବା ଓ ସେ ସକାଆରି , ସେ ପଶୁ ପକ୍ଷୀ, ମଣିଷ ମାଂସ ଖାଏ ନାହିଁ। ଘୁରି ବୁଲି ଥିବା ବେଳେ ଯଦି ମଣିଷ ତାଙ୍କ ଆଗରେ ପଡିଲା କି ?ତାକୁ ବିରକ୍ତ କଲା ପାଦରେ ଓ ସୁଣ୍ଡ ରେ ଦଳି ଦିଏ। ଗତ ଶନିବାର ତା ୨୭.୫.୦୨୩ ରିଖ ସକାଳୁ ୩ ଜଣ ଶ୍ରମିକ କୂଅ ଖୋଳିବା ପାଇଁ ରଣପୁର ବ୍ଲକ ନରସିଂହପୁରରୁ ଟାଙ୍ଗୀ ବ୍ଲକ କମାଗୁରୁ ନିଜ,ନିଜ ସାଇକେଲ ଯାଉ ଥିଲେ। କାମାଗୁରୁ ବୁଦି,ବୁଦିଆ ଜଙ୍ଗଲ ଭିତର ରେ ଏକ ହାତୀ ହାବୁଡରେ ପଡି ଥିଲେ। ହାତୀଟି ମଣିଷକୁ ଆଗରେ ଦେଖୀ ଗୋଡ଼ାଇ ଥିଲା। ୨ଜଣ ଶ୍ରମିକ ଦୌଡ଼ି ପଳାଇ ଥିବା ବେଳେ ଅନ୍ୟ ଜଣେ ଶ୍ରମିକ, ସତ୍ୟ ନାରାୟଣ ବେହେରା ୫୮ ବର୍ଷ ହାତୀ ଆଗରେ ପଡି ଜାଇ ଥଲା। ହାତୀ କାଳେ ମଣିଷ କଣ କରିବ ଭାବି ତାକୁ ଫୋପଡ଼ି ଗୋଡ଼ରେ ଦଳି ଦେଇ ଥିଲା। ଘଟଣା ସ୍ଥଳରେ ସତ୍ୟନରାୟେଣ ବେହେରା ଗରିବ ଶ୍ରମିକ ଜୀବନ ଚାଲିଗଲା। ଦୀର୍ଘ ସମୟ ପ୍ରାୟେ ୫ ଘଣ୍ଟା ଧରି ଶବ ପଡ଼ି ଥିଲା ବେଳେ ଟାଙ୍ଗି ରେଞ୍ଜର ଖୋର୍ଦ୍ଧା ଡି,ଏଫ, ଓ,ଖବର ପାଇ କେହି ବନ କର୍ମଚାରୀ ଗଲେ ନାହିଁ। ଗ୍ରାମବାସୀ ଓ ସ୍ଥାନୀୟ ଗ୍ରାବାସୀମାନେ ଚାପ ପକାଇଥିଲେ। ବାଧ ହୋଇ କିଛି ରଣପୁର ଓ ଟାଙ୍ଗୀ ଫରେଷ୍ଟ ରେଞ୍ଜର ତ

ସୋମବାର, ମଇ ୨୯, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ନୀଳଗିରି ଏନଏସି ୧୧ନଂ ୱାର୍ଡ କ୍ରସରସାହିରେ ଜଳ ଯନ୍ତ୍ରଣା: ପି ଏଚ ଡି ଆଗରେ ଧାରଣା ଦେଲେ ମହିଳା

ନୀଳଗିରି , ୨୮/୦୫ (ନି.ପ୍ର): ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ଅସ୍ତବ୍ୟସ୍ତ ଜୀବଜଗତ । ଜୀବନ ବଞ୍ଚାଇବା ପାଇଁ ଡହଳବିକଳ ହେଉଛନ୍ତି ଲୋକେ। ନୀଳଗିରି ସହର ୧୧ନଂ ୱାର୍ଡ କ୍ରସର ସାହି ଅଞ୍ଚଳର ଲୋକ ପିଇବାପାଣି ମୁନ୍ଦାଏ ପାଇଁ ବାରମ୍ବାର ନୀଳଗିରି ଜନସ୍ୱାସ୍ଥ୍ୟ ବିଭାଗ ଶାଖାର କନିଷ୍ଠ ଯନ୍ତ୍ରୀ ଓ ପ୍ରଶାସନ ଠାରେ ଗୁହାରି କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିଲା । ଉକ୍ତ ସାହିଟି ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦଦେଶରେ ହୋଇଥିବାରୁ ଜଳ ସମସ୍ୟା ରହିଥିବା ବେଳେ ଯେଉଁ ଗୋଟେ ଦୁଇଟି ନଳକୂପ ଅଛି ସେଥିରୁ ପାଣି ବାହାରୁ ନାହିଁ । ବାରମ୍ବାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିଲା। ଶେଷରେ ବାଧ୍ୟହୋଇ ଉକ୍ତ ୱାର୍ଡର କାଉନସିଲର ସୁଲୋଚନା ଖଟୁଆଙ୍କ ନେତୃତ୍ୱରେ ମହିଳାମାନେ ରବିବାର ପି. ଏଚ. ଡି କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଗରା ବାଲତି ଧରି ଧାରଣାରେ ବସିଥିଲେ । ଖବରପାଇ ସ୍ଥାନୀୟ ଏନ ଏ ସି ଚେୟାରମ୍ୟାନଙ୍କ ପ୍ରତିନିଧି ଶରତ ଦାସ ଘଟଣା ସ୍ଥଳରେ ପହଂଚି ମହିଳାମାନଙ୍କୁ ବୁଝାସୁଝା କରିଥିଲେ । ପରେ ଉପଜିଲ୍ଲାପାଳ ଓ ବିଭାଗୀୟ ଯନ୍ତ୍ରୀ ରତନ ମାଝୀଙ୍କ ସହିତ ଯୋଗାଯୋଗ କରିଥିଲେ । ଘଟଣାସ୍ଥଳରେ ଯନ୍ତ୍ରୀ ଶ୍ରୀ ମାଝୀ ପହଂଚି ମହିଳା ମାନଙ୍କୁ ବୁଝାଇବାକୁ ଚେଷ୍ଟାକରିଥିଲେ ମଧ୍ୟ ପିଇବା ପାଣି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ମହିଳାମାନେ କହିଥିଲେ। ବହୁବାର କନିଷ୍ଠ ଯନ୍ତ୍ରୀଙ୍କୁ ଏ ବାବଦରେ

ଅଭିଯୋଗ କରାଯାଇଥିବା ବେଳେ ସେ କର୍ଣ୍ଣପାତ କରିନଥିଲେ । ତେବେ ଦୁଇତିନି ଦିନ ମଧ୍ୟରେ ପାଇପ ସଂଯୋଗ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସଂଘବଦ୍ଧ ଆକ୍ରମଣରେ ୩ ଗୁରୁତର

ବାଲେଶ୍ୱର, ୨୮/୦୫ (ନି.ପ୍ର): ସହର ଉପକଣ୍ଠ ବଇଁଚା ପଞ୍ଚାୟତର ତୋଟାପାଳ ଗ୍ରାମରେ ଜମିଜମା ବିବାଦକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ରହିଥିବା ପୂର୍ବଶତ୍ରୁତା ଏବେ ଉଗ୍ରରୂପ ନେଇଛି । ରବିବାର ସକାଳେ ଗ୍ରାମର ମୁଖ୍ୟରାସ୍ତା ଦେଇ ଦୁଇ ଜଣ ଯୁବକ ବାଇକରେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ଆକ୍ରମଣରେ ଦୁଇ ଯୁବକ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ଉଦ୍ଧାର ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ ସେହି ରାସ୍ତା ଦେଇ ଯାଉଥିବା ଜନୈକା ମହିଳାଙ୍କ ଉପରେ ମଧ୍ୟ ଡେଲା ପଥର ମାଡ଼ କରାଯାଇଥିଲା । ଏବେ ସମ୍ପୃକ୍ତ ମହିଳା ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଆହତ ଦୁଇ ଯୁବକ ହେଲେ ପ୍ରଭାକର ଦାସଙ୍କ ପୁତ୍ର ଚନ୍ଦନ ଦାସ (୨୫) ଓ ତାଙ୍କ ମାମୁଁ ହରେକୃଷ୍ଣ ଦାସଙ୍କ ପୁତ୍ର ଚନ୍ଦ୍ର ଦାସ (୪୧) ଓ ମହିଳା ଜଣକ ହେଲେ ରାଜେନ୍ଦ୍ର ଦାସଙ୍କ ପତ୍ନୀ ଶାନ୍ତିଲତା ଦାସ (୩୦) । ତୋଟାପାଳ ଗ୍ରାମର ବୈଷ୍ଣବ ସାହିରେ ଥିବା ଠାକୁରମଣ୍ଡପ ଜାଗାର ମାଲିକାନାକୁ ନେଇ ଦୀର୍ଘ ଦିନରୁ ଚାଲିଥିବା ବିବାଦରୁ ସେମାନଙ୍କ ଉପରେ ଆକ୍ରମଣ ହୋଇଥିବା ଆହତ ଚନ୍ଦନ କହିଛନ୍ତି । ଖବର ପାଇ ସଦର ବିଧାୟକ ଚିକିତ୍ସାଳୟରେ ପହଞ୍ଚି ଆହତ ଦୁଇଜଣଙ୍କ ଅବସ୍ଥା ପଚାରି ବୁଝିଥିଲେ। ଏନେଇ ସଦର ଥାନା ପୁଲିସ ଆହତ ଦୁଇଜଣଙ୍କ ଠାରୁ ବୟାନ ରେକର୍ଡ ସହ ତଦନ୍ତ ଆରମ୍ଭ କରିଛି ।

ରେମୁଣା ଗୋଲେଇ ଗୁଳିକାଣ୍ଡ ମାମଲାରେ ୬ ଗିରଫ

ୟୁଟ୍ୟୁବ ରୋଷ୍ଟିଂର ପ୍ରତିଶୋଧ ପାଇଁ ହୋଇଥିଲା ଆକ୍ରମଣ

ବାଲେଶ୍ୱର, ୨୮/୦୫ (ନି.ପ୍ର): ରେମୁଣା ଗୋଲେଇ ଗୁଳିକାଣ୍ଡ ଓ ଛୁରାମାଡ଼ ମାମଲାରେ ସମ୍ପୃକ୍ତ ୫ ଯୁବକଙ୍କୁ ଗିରଫ କରିଛି ପୁଲିସ। ୟୁଟୁବରେ ଆପତ୍ତିଜନକ କମେଣ୍ଟକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଉତେଜନାରୁ ଗୁଳିକାଣ୍ଡ ହୋଇଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ଘଟଣାରେ ୧୭ରୁ ୨୩ବର୍ଷର ୬ଜଣ ଯୁବକ ଗିରଫ ହୋଇଥିବା ବେଳେ ସେମାନଙ୍କ ନିକଟରୁ ଗୋଟିଏ ବଜାଜ ପଲସର ବାଇକ ଓ ଗୋଟିଏ ଡୁଏଟ, ଗୋଟିଏ ପିଷ୍ଟଲ, ଗୋଟିଏ ଖାଲି ଖୋକା, ୭ଟି ମୋବାଇଲ ଫୋନ ଜବତ କରାଯାଇଥିବା ଏସପି କହିଛନ୍ତି। ୟୁଟୁବ ଚ୍ୟାନେଲ 'ଅନଟେଲେଣ୍ଟେଡ ଗାୟ'ର ପ୍ରତିଷ୍ଠାତା ଅତ୍ୟନ୍ତ ଆପତ୍ତିଜନକ ଭାଷା ପ୍ରୟୋଗ ସହ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କୁ ରୋଷ୍ଟିଂ ବା ନିନ୍ଦା କରିଥାନ୍ତି। ତେବେ ଆକ୍ରମଣର ଶିକାର ହୋଇଥିବା

ଯୁବକମାନେ ଅନୁରୂପ ଭାବେ 'ଅନଟେଲେଣ୍ଟଡ୍ ଗାୟ'କୁ ରୋଷ୍ଟଂ କରିବା ଯୋଗୁଁ ଏଥିରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଉତେଜନା ସୃଷ୍ଟି ହୋଇଥିଲା । ଗତ ୨୪ ତାରିଖ ଅପରାହ୍ନରେ ଉଭୟ ଗୋଷ୍ଠୀ ମିଳାମିଶା ପାଇଁ ରେମୁଣା ଗୋଲେଇ ଆସିଥିବା ବେଳେ 'ଅନଟେଲେଂଟେଡ୍ ଗାୟ'ର ସମର୍ଥକମାନେ ମନ୍ଦାରପୁରର ପିଙ୍କୁ ଦାସ ଓ ନିଆବାଗର ଅମିତ ଦାସଙ୍କ ଉପରକୁ ଗୁଳ ଫୁଟାଇବା ସହ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ ଘଟଣାର ଗୁରୁତ୍ୱ ଦେଇ ସଦର ଏସଡିପିଓଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ ସହ ବିଭିନ୍ନ ସ୍ଥାନରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ଉ କରାଯାଇଥିଲା । ୩ଦିନ ମଧ୍ୟରେ ୫ଜଣ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଓ ଜଣକୁ ବାଲେଶ୍ୱରରୁ ଗିରଫ କରାଯାଇଥିବା ଏସପି କହିଛନ୍ତି ।'ଅନଟେଲେଂଟେଡ୍ ଗାୟ' ୟୁଟୁବ ଆକାଉଂଟ ବ୍ଲକ କରିବା ପାଇଁ ଗୁଗୁଲ କର୍ତ୍ତୃପକ୍ଷଙ୍କୁ ଲେଖା ଯାଉଥିବା ବେଳେ ତାଙ୍କ ବ୍ୟାଙ୍କ ଆକଉଂଟରୁ ସାଢେ ୩ ଲକ୍ଷ ଟଙ୍କା ଜବତ ହୋଇଥିବା ଏସପି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେହୁରା ଓ ଶିକ୍ଷାପଞ୍ଚଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ଓଡ଼ିଶା ସମ୍ଭାଗ ବନବନ୍ଧୁ ସଂଗମ କାର୍ଯ୍ୟକ୍ରମ

ଉଦଳା, ୨୮/୦୫ (ନି.ପ୍ର): ଏକଲ ଅଭିଯାନର ଓଡ଼ିଶା ସମ୍ଭାଗ ସ୍ତରୀୟ ବନବନ୍ଧୁ ସଂଗମ କାର୍ଯ୍ୟକ୍ରମ ଚଳିତ ମଇ ୨୫ ତାରିଖ ଗୁରୁବାର ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶାର ମହାମହିମ ରାଜ୍ୟପାଳ ଗଣେଶି ଲାଲ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନେ ସରସ୍ୱତୀ ବନ୍ଦନା, ଦେଶଭକ୍ତି ଗୀତ, ଅଭିନୟ ଗୀତ, ଶାରିରୀକ, ଖେଳ, ସୂର୍ଯ୍ୟନମସ୍କାର ଇତ୍ୟାଦି ପ୍ରଦର୍ଶନ କରିଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ଖେଳକୁଦରେ ବିଜୟୀ ହୋଇଥିବା ୪ ଜଣ ଛାତ୍ର ଛାତ୍ରୀଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ସମ୍ଭାଗ ଉପାଧ୍ୟକ୍ଷ ପ୍ରୀୟ ରଂଜନ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ସମଗ୍ର ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୪୦୦ ଜଣ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରୁ ଏକଲ ଅଭିଯାନ ବାରିପଦା ଅଂଚଳ ଉଦଳା କେନ୍ଦ୍ରର ସଭାପତି ଗୋପିନାଥ ଜେନା ଓ

ଉପସଭାପତି ମନୋରଂଜନ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଠାରୁ ଫେରି ରାଜ୍ୟପାଳଙ୍କ ବକ୍ତବ୍ୟ ମନ୍ତ୍ରମୁଗ୍ଧକର ଥିଲା ବୋଲି ସେମାଜେ ଜଣାଇଛନ୍ତି ।

ଦଉଡି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବସ୍ତା, ୨୮/୦୫ (ନି.ପ୍ର): ବାହାବଳପୁର ସାମୁଦ୍ରିକ ଥାନା ଅଧୀନ ଦୁବୁଲାଗଡ଼ି ଗାଁରେ ଜନୈକ ଯୁବକ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଯେ ଏହି ଗ୍ରାମର ହରେନ୍ଦ୍ର ଦାସଙ୍କ ପୁଅ ଜଗବନ୍ଧୁ ଶନିବାର ରାତିରେ ଘର ଠାରୁ ପ୍ରାୟ ୨୦ ମିଟର ଦୂରରେ ଏକ ଝାଉଁ ଗଛରେ ନିଜ ବେକରେ ଦଉଡି ଦେଇ ଫାଶୀ ଘେନି ଥିଲା। ରବିବାର ସକାଳ ମୃତଦେହ କୁ ପୁଲିସ ଉଦ୍ଧାର କରି କେଶ ନଂ ୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ଏବଂ ଶବ ବ୍ୟବଚ୍ଛେଦ ପରେ ଅଭିଭାବକଙ୍କୁ ମୃତଦେହ ହସ୍ତାନ୍ତର କରିଛି ।ତେବେ ଏହି ଆତ୍ମହତ୍ୟା ର ସଠିକ କାରଣ ଜଣାପଡିନାହିଁ। ଅବିବାହିତ ଜଗବନ୍ଧୁର ମାନସିକ ଅସନ୍ତୋଳନ ରହିଥିଲା ବୋଲି ସ୍ଥାନୀୟ ଜନ ସାଧାରଣଙ୍କ ଠାରୁ ଜଣାଯାଇଛି ବୋଲି ପୁଲିସ କହିଛି।

ରାସ୍ତା ପାର୍ଶ୍ୱକୁ ଗଡିଲା ଧାନ ବୋଝେଇ ପିକଅପ ଭ୍ୟାନ: ଅଳ୍ପକେ ବର୍ତ୍ତିଲେ ଗାଡିଚାଳକ

ନୀଳଗିରି, ୨୮/୦୫ (ନି.ପ୍ର): ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ କାଦୁଆଣୀ ଛକ ଠାରେ ଏକ ଧାନ ବୋଝେଇ ପିକଅପ ଭ୍ୟାନ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଗାଡିଚାଳକ । ଉକ୍ତ ପିକଅପ ଭ୍ୟାନଟି କାଦୁଆଣୀ ଗ୍ରାମର ଗଣେଷ ପାଣିଗ୍ରାହୀଙ୍କର ବୋଲି ଜଣାପଡିଛି ।ଗଣେଷ ଜଣେ ମୁଡୀ ବ୍ୟବସାୟୀ । ମୁଡୀ ପ୍ରସ୍ତୁତି ପାଇଁ ନୀଳଗିରି ଅଞ୍ଚଳରୁ ଧାନ ନେଇ ଘରକୁ ଫେରୁଥିବା ସମୟରେ ଏଭଳି ଅଘଟଣ ଘଟିଥିବା ଜଣାପଡିଛି। ସୂଚନା ଯୋଗ୍ୟ କି ଗତ ରାତିରେ ମାଟି ମାଫିଆ ମାନେ ବେଆଇନ ଭାବରେ ମାଟି ଚୋରା ଚାଲଣ କରିଥିଲେ , ଯାହା ଫଳରେ ମାଟିର ଏକ ମୋଟା ଆସ୍ତରଣ ପିଚୁ ରାସ୍ତା ଉପରେ ବସିଯାଇଥିଲା। ସକାଳୁ ଝିପଝିପ ବର୍ଷା ହେବା କାରଣରୁ ଉକ୍ତ ରାସ୍ତା ଦେଇ ଯାଉଥିବା ଅନେକ ଗାଡି ଚକ ଖସିବା କାରଣରୁ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଆରଆଇଙ୍କ ଦ୍ୱାରା ମାଟି ମାଫିଆଙ୍କ ଉପରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ।

ଗୋରୁ ବୋଝେଇ ଟ୍ରକ ଜବତ :୧୮ ଗୋରୁ ଉଦ୍ଧାର

ବସ୍ତା, ୨୮/୦୫ (ନି.ପ୍ର): ଗୋ ଚାଲାଣକାରିଙ୍କ ଭୁସ୍ୱର୍ଗ ପାଲଟିଛି ୬୦ ନଂ ଜାତୀୟ ରାଜପଥ । ପ୍ରତ୍ୟେକ ଦିନ ପଶ୍ଚିମବଙ୍ଗ କୁ ଚୋରା ଚାଲାଣ ହେଉଛି ହଜାର ହଜାର ଗୋରୁ । ପୁଲିସ ସାଜିଛି ନିରବ ଦ୍ରଷ୍ଟା। ଶନିବାର ରାତିରେ ବସ୍ତା ଥାନା ଅନ୍ତର୍ଗତ ୬୦ ନଂ ଜାତୀୟ ରାଜପଥ ଗୁଡିଖାଲ ବାଘାବଜାର ଛକ ନିକଟରୁ ଏକ ଗୋରୁ ବୋଝେଇ ଟ୍ରକ ଜବତ କରି ପୁଲିସ କୁ ହସ୍ତାନ୍ତର କଲେ ସ୍ଥାନୀୟ ଲୋକେ । ରାତି ପ୍ରାୟ ୩ ଟା ସମୟରେ ବାଲେଶ୍ୱର ଆଡୁ ଡବ୍ଲୁବି ୩୩ବି-୨୦୭୧ ଏକ ଟ୍ରକ ରେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ସମୟରେ ବାଗା ବଜାର ଛକ ନିକଟରେ ସ୍ଥାନୀୟ ଲୋକେ ଟ୍ରକ କୁ ଅଟକ ରଖି ବସ୍ତା ପୁଲିସ କୁ ଖବର ଦେଇଥିଲେ । ବସ୍ତା ପୁଲିସ ରବିବାର ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବଦ କରିବା ସହିତ ସେଥିରୁ ୧୮ ଟି ଗୋରୁ ଉଦ୍ଧାର କରି ବାଲେଶ୍ୱର ସ୍ଥିତ ଗୋଶାଳାକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

ପୁରୁଣା ପେନ୍‌ସନ୍ ଦାବିରେ ରେଳ କର୍ମଚାରୀଙ୍କ ଜିଲ୍ଲାସ୍ତରୀୟ ପେନ୍‌ସନ୍ ସଂକଳ୍ପ ସମାବେଶ

ଭଦ୍ରକ, ୨୮/୦୫ (ନି.ପ୍ର): ଭାରତୀୟ ରେଲୱେ କର୍ମଚାରୀ ପୁରୁଣା ପେନସନ୍ ସଂଘର୍ଷ ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଭାରତୀୟ ରେଲୱେ କର୍ମଚାରୀ ପୁରୁଣା ପେନସନ୍ ସଂଘର୍ଷ ସମିତି ଏବଂ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ମିଳିତ ସହଯୋଗରେ ଭଦ୍ରକ ଷ୍ଟେସନ ଠାରେ ଏକ ବିଶାଳ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ଜାଗରୁକତା ତଥା ଜିଲ୍ଲାସ୍ତରୀୟ ପେନସନ୍ ସଂକଳ୍ପ ସମାବେଶର ଆୟୋଜନ ହୋଇଥିଲା। ଉକ୍ତ ସମାବେଶରେ ଶତାଧିକ ରେଲୱେ କର୍ମଚାରୀ, ପ୍ରାଥମିକ ଶିକ୍ଷକ ଏବଂ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ଯୋଗଦାନ କରିଥିଲେ। ସମାରୋହର ମୁଖ୍ୟ ଉଦ୍ଦେଶ୍ୟ ସରକାରୀ କର୍ମଚାରୀମାନଙ୍କୁ ବନ୍ଦ ହୋଇଥିବା ପୁରୁଣା ପେନ୍‌ସନ୍‌କୁ ପୁନଃ ଲାଗୁ କରିବା। ଭାରତ ସରକାର କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ୧.୧.୨୦୦୪ରୁ ଏବଂ ଓଡ଼ିଶା ସରକାର ରାଜ୍ୟ କର୍ମଚାରୀଙ୍କ ପାଇଁ ୧.୧.୨୦୦୫ରୁ ପୂର୍ବ ପ୍ରଚଳିତ ପୁରୁଣା ପେନସନ୍‌କୁ ରଦ୍ଦ କରି ରାଷ୍ଟ୍ରୀୟ ପେନସନ୍ ଯୋଜନାକୁ ପ୍ରଚଳନ କରିଥିଲେ। ଯୋଜନା ଅନ୍ତର୍ଭୁକ୍ତ ସରକାରୀ କର୍ମଚାରୀ ସେବା ନିବୃତ୍ତ ପରେ ଆର୍ଥିକ, ପାରିବାରିକ ଓ ସାମାଜିକ ଘାତ ପ୍ରତିଘାତରେ ଗତି କରୁଛନ୍ତି। କାରଣ ସେମାନଙ୍କୁ ମାସକୁ ବହୁତ ନିମ୍ନ ପେନସନ୍ ମିଳୁଅଛି। ଉକ୍ତ ସମାବେଶରେ ମୁଖ୍ୟ ଅତିଥି ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ଖଗେନ୍ଦ୍ର ନାଥ ପାଳ ଯୋଗ ଦେଇ କହିଥିଲେ ଯେ ଆମେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀ ଏକତ୍ରିତ ହୋଇ ପୁରୁଣା ପେନ୍‌ସନ୍ ଦାବି ଉପସ୍ଥାପନ କରିଆସୁଛୁ। ଭବିଷ୍ୟତରେ ଯଦି ରାଜ୍ୟ ସରକାର ପୁରୁଣା ପେନସନ୍ ପୁନଃ ଲାଗୁ ନକରନ୍ତି ତେବେ ଖୁବ୍ ଶୀଘ୍ର ଭୁବନେଶ୍ୱରରେ ବିଶାଳ ପେନସନ୍ ଜନସମାଗମ ଆୟୋଜିତ ହେବ ବୋଲି କହିଥିଲେ। ସମାବେଶରେ ସଭାପତିତ୍ୱ କରୁଥିବା ସୁଶାନ୍ତ ପଣ୍ଡା ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତ ସରକାର ଓ ରାଜ୍ୟ ସରକାର ତୁରନ୍ତ ପୁରୁଣା ପେନସନ୍ ପୁନଃ ପ୍ରଚଳନ ନକରନ୍ତି ତେବେ ଏକ ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ ଦେଶର ରାଜଧାନୀ ନୂଆଦିଲ୍ଲୀରେ ୮ଜୁଲାଇ ୨୦୨୩ ଏବଂ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ନିକଟ ଭବିଷ୍ୟତରେ ଏକ ବିଶାଳ ପେନସନ୍ ଆକ୍ରୋଶ ରାଲି ଆହ୍ୱାନ କରାଯିବ। ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ଭୋଟ ସେହି ସରକାରଙ୍କୁ ଦିଆଯିବ ଯିଏ ପୁରୁଣା ପେନସନ୍ ପୁନଃ ଲାଗୁ କରିବେ। ଉକ୍ତ ସମାବେଶରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅରବିନ୍ଦ ଦିକ୍ଷୀତ, ଜିଲ୍ଲା ସମ୍ପାଦକ ପ୍ରଣୟ ମହାପାତ୍ର, ରାଜ୍ୟ ସଂଗଠନ ସମ୍ପାଦକ ତବରେଜ ଖାନ, ଜିଲ୍ଲା ସହାସଚିବ ଜ୍ୟୋତିର୍ମୟ ଅଗସ୍ତି ତଥା ଭାରତୀୟ ରେଲ କର୍ମଚାରୀ ପୁରୁଣା ପେନସନ୍ ସଂଘର୍ଷ ସମିତିର ମଣ୍ଡଳ ଅଧ୍ୟକ୍ଷ ଚନ୍ଦ୍ରଶେଖର ଷଡ଼ଙ୍ଗୀ, ଶାଖା ସଭାପତି ଜିତେନ୍ଦ୍ର କୁମାର ପଣ୍ଡା, ଶାଖା ମହାସଚିବ କେ.ସି. ଆଚାର୍ଯ୍ୟ ଏବଂ ଶାଖା ଯୁଗ୍ମ ସଂପାଦକ ଶରତ କୁମାର ମଲ୍ଲିକ ଯୋଗ ଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ଜାତୀୟ ସବଜୁନିୟର ଭଲିବଲ ଚାମ୍ପିୟାନସିପରେ ରୋହିତ

ବାରିପଦା , ୨୮/୦୫ (ନି.ପ୍ର): ଚଳିତ ମାସ ୨୭ ତାରିଖରୁ ୩୧ ପର୍ଯ୍ୟନ୍ତ କୋଲକାତାର ହୁଗଲି ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସବ ଜୁନିୟର ଭଲିବଲ ଚାମ୍ପିୟାନସିପେର ଓଡିଶା ଦଳରୁ ମୟୁରଭଞ୍ଜର ରୋହିତ ମହାନ୍ତି ପ୍ରତିନିଧିତ୍ୱ କରିଥିବାର ମୟୁରଭଞ୍ଜ ଏଥେଲଟିକ ଏସୋସିଏସନର ଗଣ ମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଓ ରୋହିତ ରାସେଗାବିନ୍ଦପୁର ବ୍ଲକ ଅନ୍ତର୍ଗତ ଗୁରେଇ ଗ୍ରାମର ବାସିନ୍ଦା ଓ ପିଲାଦିନୁ ଭଲିବଲ ପ୍ରତି ଆକୃଷ୍ଟ ହୋଇ ପାଇକବସାର ରଣଜିତ କ୍ଲବେର ସୁଜୟ କୁମାର ନାୟକ ଓ ଦେବକାନ୍ତ ନାୟକଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ ଓ ପରବର୍ତ୍ତୀ ସମୟେର ମା କିଚେକଶ୍ୱରୀ ଭଲିବଲ ଏକାଡେମୀର ବରିଷ୍ଠ ପ୍ରଶିକ୍ଷକ ମେନାରଞ୍ଜନ ଜୀଉଙ୍କ ଠାରୁ ପ୍ରଶିକ୍ଷଣ ପାଇ ପୂର୍ବରୁ ଜାତୀୟ ସ୍ତରେର ଅଂଶ ଗ୍ରହଣ କରିସାରିଛନ୍ତି ଓ ଜାତୀୟ ସ୍ତରେର ପୁଣିଥେର ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥିବାରୁ ମୟୁରଭଞ୍ଜ ଏଥେଲଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଲିବଲ ସହ ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ ତଥା କୋଚ ଶ୍ରୀ ଜୀଉ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଭଦ୍ରକ ଚିନ୍ତନ ଚକ୍ରର ୧୪୦ ତମ ଅଧିବେଶନ

ଭଦ୍ରକ, ୨୮/୦୫ (ନି.ପ୍ର): ଭଦ୍ରକ କ୍ଲବ ପରିସରରେ 'ଭଦ୍ରକ ଚିନ୍ତନ ଚକ୍ର'ର ୧୪୦ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ "ଶିଶୁ ଶ୍ରମିକ ପ୍ରଥା ଓ ତାର ନିରାକରଣ